ଧରିତ୍ରୀ
DHARITRI
January 14-20, 2024 ₹ 2/-

ଧରିତ୍ରୀ 50 Years

# ଛୁଟିଦିନ

# ପର୍ବତ ନନ୍ଦିନୀ

ପର୍ବତାରୋହଣ ନିହାତି ଏକ ଦୁଃସାହସିକ ଯାତ୍ରା। ଯେଉଁଥିରେ ଅନେକ ବାଧାବିଘ୍ନ ଆସିଥାଏ। କିନ୍ତୁ ଶିଖର ଛୁଇଁବାର ନିଶା ଏମାନଙ୍କ ନିଷ୍ପତ୍ତିକୁ ବଦଳାଇ ନ ଥାଏ । ଯେଉଁ ନିଶାରେ ସାମିଲ ହୋଇଥିବା କେତେଜଣ ପର୍ବତାରୋହୀ ଝିଅଙ୍କୁ ନେଇ ଏଥରର ପ୍ରଚ୍ଛଦ...

ପ୍ରଚ୍ଛଦ ପ୍ରସଙ୍ଗ

୩



# ପକ୍ଷୀ ଦିଅନ୍ତି ଶୁଭଅଶୁଭର ସଙ୍କେତ

ବିଶ୍ୱାସ ରହିଛି ପକ୍ଷୀମାନଙ୍କର କାର୍ଯ୍ୟକଳାପ ଆମକୁ ଶୁଭଅଶୁଭର ସଙ୍କେତ ଦେଇଥାଏ। ତେବେ କେଉଁ ପକ୍ଷୀ କିଭଳି ସଙ୍କେତ ଦେଇଥାନ୍ତି ଆସନ୍ତୁ ଜାଣିନେବା ସେ ସମ୍ପର୍କରେ:



✲ କାଉଟିଏ ପାତ୍ରରୁ ପାଣି ପିଉଥିବାର ଅବା ଖାଦ୍ୟ ଧରି ଉଡ଼ିଯାଉଥିବାର ଦୃଶ୍ୟ ଶୁଭ ସୂଚନା ଦେଇଥାଏ। ସେଥିପାଇଁ ପ୍ରତ୍ୟେକେ ନିଜ ନିଜ ଘର ସମ୍ମୁଖରେ ପକ୍ଷୀଙ୍କ ପିଇବା ପାଇଁ ପାଣିପାତ୍ର ରଖିବା ଭଲ। ଏହାଦ୍ୱାରା ଘରେ ସୁଖସମୃଦ୍ଧି ବୃଦ୍ଧି ପାଇଥାଏ ବୋଲି ବିଶ୍ୱାସ ରହିଛି।

✲ ଯଦି କୌଣସି ସ୍ଥାନରେ ଏକାଧିକ କାଉ ବସି କର୍କଶ ରାବ ଦେଉଥିବାର ଦେଖନ୍ତି ତା'ହେଲେ ସେ ସ୍ଥାନ ଛାଡ଼ି ଶୀଘ୍ର ପଳାଇଯିବା ଆବଶ୍ୟକ। କାରଣ ଏହା କୌଣସି ବିପଦ ବା ଅଶୁଭ ଘଟଣାର ସଙ୍କେତ ଦେଇଥାଏ।

✲ ଚଢେଇମାନେ ମୁଖ୍ୟତଃ ଡରୁଆ ସ୍ୱଭାବର ହୋଇଥାନ୍ତି। କିନ୍ତୁ ଯଦି କାହାରି ଘରକୁ ବହୁ ସଂଖ୍ୟାରେ ଚଢେଇ ବିନା ଡରରେ ଯା'ଆସ କରୁଥାନ୍ତି, ଖାଦ୍ୟ ଖାଉଥାନ୍ତି, ତା'ହେଲେ ସେ ଘରେ ସକାରାତ୍ମକ ଉର୍ଜ୍ଜାର ପ୍ରଭାବ ଖୁବ୍ ରହିଛି ବୋଲି ବୁଝିନେବାକୁ ହେବ।

✲ ଘରର ଛାତ ଉପରେ ପେଚା ବସିବା ବା ପେଚା ବୋବାଇବାର ଶବ୍ଦ ଶୁଣିବା ଅଶୁଭ ହୋଇଥାଏ। ଏହାଦ୍ୱାରା ଆଗକୁ କିଛି ବିପଦ ଆସୁଛି ବୋଲି ସୂଚନା ମିଳିଥାଏ। କିନ୍ତୁ ଧଳା ରଙ୍ଗର ପେଚା ଦେଖିବା ଶୁଭ ସଙ୍କେତ ଦେଇଥାଏ।

✲ କୌଣସି ଗୁରୁତ୍ୱପୂର୍ଣ୍ଣ କାମରେ ଯାଉଥିବାବେଳେ ବାଟରେ ଯଦି ମୟୂର ଦେଖିବାକୁ ମିଳେ କିମ୍ବା ତା'ର ସ୍ୱର ଶୁଣିବାକୁ ମିଳେ ତା'ହେଲେ ଶୁଭ ହୋଇଥାଏ ବୋଲି ବିଶ୍ୱାସ କରାଯାଏ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଜାନୁଆରୀ ୧୪-୨୦

**ମେଷ**



କର୍ମଦକ୍ଷତା ହେତୁ ଉଚ୍ଚସମ୍ମାନ, ସେବାରୁ ସାମାଜିକ ପ୍ରତିଷ୍ଠା, ସଭାସମିତିରେ ସହଯୋଗ, ସାହିତ୍ୟକୃତିରୁ ପ୍ରଶଂସା, ଚଳଚ୍ଚିତ୍ର କ୍ଷେତ୍ରରେ ସୁନାମ, ଶିଳ୍ପବାଣିଜ୍ୟର ଅଭିବୃଦ୍ଧି, ପାରିବାରିକ ସମସ୍ୟାର ସମାଧାନ, ସରକାରୀ ସହାୟତା ଲାଭ ॥

**ବୃଷ**



ଶୃଙ୍ଖଳିତ ଜୀବନଚର୍ଯ୍ୟା, କର୍ମକ୍ଷେତ୍ରରେ ଗୌରବ, ସରକାରୀସ୍ତରରୁ ଅର୍ଥଲାଭ, ସାମ୍ବାଦିକତାରୁ ସମ୍ମାନ, ପ୍ରଶାସନିକ ଆଲୋଚନା, ଦୂରଯାତ୍ରାର ପରିକଳ୍ପନା, କାରିଗରୀ କୁଶଳତା, ନୂତନ ବନ୍ଧୁ ସମ୍ପର୍କ ॥

**ମିଥୁନ**



ଦୈହିକ ଦୁର୍ବଳତା, ଆର୍ଥିକ ଅନଟନ, ଭ୍ରାତୃ ବିବାଦର ପରିସମାପ୍ତି, ବନ୍ଧୁଙ୍କ ସାହାଯ୍ୟ ପ୍ରତିଶୃତି, ବ୍ୟବସାୟରେ ପ୍ରତିବନ୍ଧକ, ପରିବହନରେ ବିବାଦ, କର୍ମ କ୍ଷେତ୍ରରେ ପତିଆରା ବୃଦ୍ଧି, ପୁରାତନ ରୋଗରେ ପୀଡା ॥

**କର୍କଟ**



ବନ୍ଧୁ ପରାମର୍ଶରୁ ଉନ୍ନତ ଚିନ୍ତା, ସୁଚିନ୍ତିତ କାର୍ଯ୍ୟଧାରାରୁ ଆନନ୍ଦ, ଲେଖାପଢାରୁ ମାନସିକ ଶାନ୍ତି, ଉଚ୍ଚପଦବୀ ଜନିତ ସ୍ଥାନାନ୍ତର, ଧର୍ମକାର୍ଯ୍ୟ କରିବେ, ଭ୍ରମଣର ସୁଯୋଗପ୍ରାପ୍ତି ॥

**ସିଂହ**



ଅର୍ଥନୈତିକ ଅଭିବୃଦ୍ଧି, ପରିସ୍ଥିତି ବଦଳିଯିବ, ସାମାଜିକ ସ୍ଥିତି ଉତ୍ତମ, କର୍ମକ୍ଷେତ୍ରରେ ବିବାଦ, ସହକର୍ମୀଙ୍କ ଅସହଯୋଗ, ବନ୍ଧୁଙ୍କ ସମାଦର, ଯାତ୍ରାକାଳୀନ ଅସୁବିଧା, ସନ୍ତାନଙ୍କ ଅମନଯୋଗୀତା, ପଡୋଶୀଙ୍କ ଅଭିଯୋଗ, ନୂତନ ସ୍ଥାନ ପରିଦର୍ଶନ ॥

**କନ୍ୟା**



ଶାରୀରିକ ଅସୁସ୍ଥତା, ଜୀବନଶୈଳୀର ପରିବର୍ତ୍ତନ, ଯୋଗାରମ୍ଭରେ ଆନନ୍ଦ, ଅପ୍ରିୟସତ୍ୟ ଭାଷଣ ଜନିତ ଅଶାନ୍ତି, କୁଟନୀତିରେ ସଫଳତା, ମକଦ୍ଦମାରେ ବିଜୟପ୍ରାପ୍ତି, ଆନୁଷ୍ଠାନିକ କାମରେ ପ୍ରାଧାନ୍ୟତା, ବ୍ୟବସାୟିକ ଉତ୍କର୍ଷ, ମାନସିକ ପ୍ରଫୁଲ୍ଲତା ॥

**ତୁଳା**



ନୂତନକର୍ମାରମ୍ଭରୁ ଆନନ୍ଦ, ନିୟନ୍ତ୍ରିତ ସ୍ୱାସ୍ଥ୍ୟରୁ ଆଶ୍ୱସ୍ତି, ବକେୟା ପରିଶୋଧରୁ ଆତ୍ମତୃପ୍ତି, ପଡୋଶୀଙ୍କ ପ୍ରତାରଣା, ପାରିବାରିକ କଳହ, ବିଶିଷ୍ଟ ବ୍ୟକ୍ତିଙ୍କ ପରାମର୍ଶ, ଶୃଙ୍ଖଳିତ ଜୀବନଚର୍ଯ୍ୟା, ଉଚ୍ଚବର୍ଗଙ୍କ ପ୍ରଶଂସା, ସ୍ୱର୍ଣ୍ଣାଳଙ୍କାର କ୍ରୟ କରିବେ ॥

**ବିଛା**



ଦୃଢନିଷ୍ପତି ନେବେ, ନୂଆ କାମ କରିବେ, ପରିଜନଙ୍କ ସହ ଭ୍ରମଣ, କଳାସାହିତ୍ୟରେ ଅନୁରାଗ, ସାଂସ୍କୃତିକ କାର୍ଯ୍ୟରେ ଯୋଗଦାନ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା, ଆନୁଷ୍ଠାନିକ କାମରେ ବିବାଦ, ପଦୋନ୍ନତିର ସୂଚନା, ସତ୍‌ସଙ୍ଗରୁ ଆତ୍ମତୃପ୍ତି ॥

**ଧନୁ**



ଦ୍ୱନ୍ଦ୍ୱର ସମ୍ମୁଖୀନ ହେବେ, ମିଥ୍ୟାଭିଯୋଗ ଆସିପାରେ, ଅସାବଧାନତାରୁ ଅର୍ଥହାନୀ, ଅବହେଳାରୁ କୈଫିୟତ ତଲବ, ପ୍ରକାଶନରେ ବିଳମ୍ବ, ଏଜେନ୍‌ସିପ୍ ବଢିବ, ବିବାହପ୍ରସ୍ତାବ ଆସିପାରେ, ଆମଦାନୀ କାରବାରରୁ ଲାଭ, କଚେରୀ ମାମଲା।

**ମକର**



ଆତ୍ମୀୟଙ୍କ ସଂଦର୍ଶନରୁ ଆନନ୍ଦ, ଅତୀତ ଆଲୋଚନାରୁ ବିତର୍କ, ଦୋଦୁଲ୍ୟମାନ ମାନସିକ ସ୍ଥିତି, କର୍ମଦକ୍ଷତାରୁ ପ୍ରଶଂସା, ଉପରିସ୍ଥଙ୍କ ଅନୁକମ୍ପା ଲାଭ, ପାରିବାରିକ ଅଶାନ୍ତି, ଲୋକ ସମ୍ପର୍କ ଭଲ ରହିବ, ପରିସ୍ଥିତିକୁ ସଜାଡି ନେବେ, ବନ୍ଧୁ ସହଯୋଗ ମିଳିବ, ସାମୟିକ ଅର୍ଥ ସମସ୍ୟା ॥

**କୁମ୍ଭ**



ସ୍ନାୟବିକ ଦୁର୍ବଳତା, ପାରିବାରିକ ବିଶୃଙ୍ଖଳା, ଅସ୍ଥିରତା ଦୂର ହେବ, ଅନୁକୂଳ ପରିସ୍ଥିତି, ପ୍ରତିବନ୍ଧକ ଦୂର ହେବ, ବୁଝାମଣାରେ ଉନ୍ନତି, କଲ୍ୟାଣମୂଳକ କର୍ମାରମ୍ଭ, ଗବେଷଣାରେ ଅଗ୍ରଗତି, ପ୍ରଶାସନିକ ନିଷ୍ପତି, ନିର୍ମାଣ ପୂର୍ଣ୍ଣାଙ୍ଗ ହେବ ॥

**ମୀନ**



ଶାରୀରିକ ଅସୁସ୍ଥତା, ଭୁଲ୍ ନିଷ୍ପତି ନେବେ, ବିବାଦୀୟ ପରିସ୍ଥିତି, ମନସ୍ତାପ କରିପାରନ୍ତି, ପାରିବାରିକ ସମସ୍ୟା, ଧର୍ମାନୁଷ୍ଠାନରେ ଅଗ୍ରଣୀ ଭୂମିକା, ସାଂଗଠନିକ କାର୍ଯ୍ୟର ନେତୃତ୍ୱ, ପ୍ରଶାସନିକ ସଫଳତା, ସନ୍ତାନଙ୍କ କୃତିତ୍ୱ, ରଚନାତ୍ମକ କାର୍ଯ୍ୟାରମ୍ଭ, ଲୋକକଳାର ଉନ୍ନତି ॥

# ଅଁଳା ଗଛର ମହତ୍ତ୍ୱ

ଅଁଳା ଗଛ ଯେତିକି ପବିତ୍ର ସେତିକି ଉପକାରୀ ମଧ୍ୟ। କାରଣ ଏହି ଗଛରେ ଭରି ରହିଛି ଅନେକ ଔଷଧୀୟ ଗୁଣ। ସେହିପରି ଏହାର ଆଧ୍ୟାତ୍ମିକ ଗୁଣ ମଧ୍ୟ ବେଶ୍ ଉଚ୍ଚକୋଟୀର। ଏହି ଗଛରେ ସ୍ୱୟଂ ଲକ୍ଷ୍ମୀନାରାୟଣ ବାସ କରିଥାନ୍ତି ବୋଲି ବିଶ୍ୱାସ କରାଯାଏ। କେହି କେହି କୁହନ୍ତି, ପ୍ରତିଦିନ ସ୍ନାନ ସାରି ଅଁଳା ଗଛ ମୂଳରେ ଜଳ ଅର୍ପଣ କଲେ ପ୍ରଭୁ କୃପା ଲାଭ ହେବା ସହ ମା' ଲକ୍ଷ୍ମୀ ବି ପ୍ରସନ୍ନ ହୋଇଥାନ୍ତି। ଆଉ ତାଙ୍କରି ଆଶୀର୍ବାଦରୁ ଘରେ ଉନ୍ନତି ହେବା ସଙ୍ଗେସଙ୍ଗେ ପରିବାରର ଦୁଃଖ ଦୁର୍ଦ୍ଦଶା ଦୂରେଇ ଯାଇଥାଏ। ଅନ୍ୟପକ୍ଷେ ଅଁଳାର ଔଷଧୀୟ ଗୁଣକୁ ତର୍ଜମା କଲେ ଜଣାଯାଏ, ଅଁଳା ଖାଇବା ଦ୍ୱାରା ଦୃଷ୍ଟିଶକ୍ତି ପ୍ରଖର ହୋଇଥାଏ। ସେହିପରି ପାଚନ କ୍ରିୟାକୁ ସକ୍ରିୟ କରିବାରେ ଅଁଳାର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ସ୍ମରଣଶକ୍ତିକୁ ତ୍ୱରାନିତ କରିବାରେ ବି ଏହା ଖୁବ୍ ଉପକାରୀ ହୋଇଥାଏ। ବାସ୍ତୁଶାସ୍ତ୍ର ମତରେ, ଘରର ଉତ୍ତର ଦିଗରେ ଅଁଳା ଗଛ ଲଗାଇ ତାହାକୁ ପୂଜାକଲେ ନିଜର ସ୍ମୃତିଶକ୍ତି ପ୍ରଖର ହେବା ସହ ସନ୍ତାନମାନଙ୍କର ମଧ୍ୟ ମଙ୍ଗଳ ହୋଇଥାଏ। ଏପରିକି ଘର ମଧ୍ୟକୁ କୌଣସି ନକରାତ୍ମକ ଶକ୍ତି ପ୍ରବେଶ କରିପାରେ ନାହିଁ। ସେହିପରି କୁହାଯାଏ, ଘରର ଉତ୍ତର ଦିଗରେ ଯଦି କୌଣସି ବାସ୍ତୁଦୋଷ ଥାଏ, ତା'ହେଲେ ଏହି ଦିଗରେ ଅଁଳା ଗଛ ଲଗାଇଲେ ତାହା ଆପେ ଆପେ ଠିକ୍ ହୋଇଯାଇଥାଏ। କିନ୍ତୁ ଏହି ଗଛକୁ ଘରର ଖୁବ୍ ନିକଟରେ ନ ଲଗାଇ ଘରଠୁ ଟିକେ ଛାଡିକି ଲଗାଇବା ଆବଶ୍ୟକ ବୋଲି ବାସ୍ତୁଶାସ୍ତ୍ରରେ କୁହାଯାଇଛି।



# ପାଠକୀୟ

✲ ନୂଆବର୍ଷ ! ସେ ନାଁରେ ହିଁ ଥାଏ ଗୋଟେ ମିଠାପଣ। ଗୋଟେ ଆକର୍ଷଣ। ଗୋଟେ ଅପେକ୍ଷା। ଅପେକ୍ଷାର ଶେଷରେ ଆସେ ନୂଆବର୍ଷର ପ୍ରଥମ ଦିନ। ସମସ୍ତେ ନିଜ ହିସାବରେ ଖୁସିରେ ମନାଇବାକୁ ଚାହାନ୍ତି ସେଦିନ। ଯିଏ ଯେମିତି ନୂଆବର୍ଷ ପାଳନ କରନ୍ତୁ, ହେଲେ ପିଲାଦିନର ନୂଆବର୍ଷ ସ୍ମୃତି କିନ୍ତୁ ସବୁବେଳେ ସମସ୍ତଙ୍କ ମନରେ ତାଜା ହୋଇ ରହିଥାଏ। ତେଣୁ ନୂଆବର୍ଷକୁ ନେଇ ସ୍ୱତନ୍ତ୍ର ଭାବେ ଉପସ୍ଥାପନା କରାଯାଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗଟି ଏକ ନିଆରା ଆଲେଖ୍ୟ ଥିଲା। 'ନୂଆବର୍ଷ ଦିନ କ'ଣ କିଣିବା ଶୁଭ', 'ନୂଆବର୍ଷର ନୂଆ ସଂକଳ୍ପ' ଶୀର୍ଷକ ପାଠରୁ ବହୁ ଅଜଣା କଥା ଜାଣିହେଲା।

*– ଶ୍ରୀୟାଶ୍ରୀ ଦାଶ, ଚନ୍ଦନପୁର, ପୁରୀ*

✲ ନୂଆବର୍ଷକୁ ନେଇ ସମସ୍ତଙ୍କର କିଛି ନା କିଛି ଅନୁଭୂତି ରହିଥାଏ। ହେଲେ ପୂର୍ବେ ନୂଆବର୍ଷକୁ ଲୋକେ କିପରି ପାଳୁଥିଲେ ସେ ସମ୍ପର୍କରେ କିଛି ବିଶିଷ୍ଟ ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କର ଅନୁଭୂତିକୁ ନେଇ ଉପସ୍ଥାପନା କରାଯାଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗଟି ବେଶ୍ ହୃଦୟଛୁଆଁ ହୋଇଥିଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ ଲୋକପ୍ରିୟ କଣ୍ଠଶିଳ୍ପୀ ବସନ୍ତ କୁମାର ପାତ୍ରଙ୍କ ଜୀବନି ସମ୍ପର୍କରେ ବହୁ ଅଜଣା କଥା ଜାଣି ଖୁସି ଲାଗିଲା।

*– ରାକେଶ ବେହେରା, ସାକ୍ଷୀଗୋପାଳ*

✲ ସିନେମା ପୃଷ୍ଠାରେ ସ୍ଥାନିତ 'ମୋ କାହାଣୀରେ ତୋରି ନାଁ', 'କେବଳ ମଲ୍ଲାଇକାଙ୍କ ପାଇଁ', 'ଫାଇଟର୍‌କୁ ଅପେକ୍ଷା', ଶୀର୍ଷକ ପାଠଗୁଡ଼ିକ ଯେତିକି ତଥ୍ୟପୂର୍ଣ୍ଣ ଥିଲା ସେତିକି ମଜାଦାର୍ ବି ଲାଗୁଥିଲା। ନୂଆବର୍ଷକୁ ନେଇ ଛୁଟିଦିନରେ ପ୍ରକାଶ ପାଇଥିବା ସ୍ୱତନ୍ତ୍ର କ୍ୟାଲେଣ୍ଡର ପୃଷ୍ଠାଟି ବି ବେଶ୍ ଆକର୍ଷଣୀୟ ଲାଗୁଥିଲା। ସୁନ୍ଦରଗଡ଼ ସରକାରୀ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ଡଃ କୁମୁଦିନୀ ରାଉତରାୟଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ବେଶ୍ ମନଛୁଆଁ ଥିଲା।

*– ତ୍ରିଲୋଚନ ସାହୁ, ରାଣୀହାଟ, କଟକ*

✲ ମଡେଲ୍ ମିରର୍‌ରେ ଲିପିକା ବେଶ୍ ସୁନ୍ଦରୀ ଲାଗୁଥିଲେ। ହାଃ ହାଃ ବି ଖୁବ୍ ମଜାଦାର୍ ଥିଲା। ସହର ପୃଷ୍ଠାରୁ ନୂଆବର୍ଷରେ କେଉଁ ସ୍ଥାନକୁ ବୁଲିଯିବା ଉତ୍ତମ ତାହା ଜାଣି ଖୁସି ଲାଗିଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ଚା' ଅଧ୍ୟାୟ' ଶୀର୍ଷକ ଗପଟି ବେଶ୍ ମନଛୁଆଁ ହୋଇପାରିଥିଲା।

*– ସୁପ୍ରିୟା ସେନାପତି, ରବି ଟକିଜ୍, ଭୁବନେଶ୍ୱର*

✲ ବିବିଧା ପୃଷ୍ଠାରେ ସ୍ଥାନିତ 'ନୂଆବର୍ଷ ଜାନୁୟାରୀ ୧ରେ କାହିଁକି' ଏବଂ 'କେଏଫ୍‌ସି ଚିକେନ ଥିମ୍‌ରେ ବିବାହ' ଏବଂ ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ହାତ ଛାଡ଼ି ଚଲାଇଲେ ୧୩୦ କି.ମି', 'ନିଆରା ଥ୍ରୀଡ଼ି ଆର୍ଟ', 'ଭି-ଶେପ୍ ଚେହେରା ପାଇଁ' ଆଦି ଶୀର୍ଷକ ଲେଖାଗୁଡ଼ିକ ଯେତିକି ମଜାଦାର୍ ଥିଲା ସେତିକି ତଥ୍ୟପୂର୍ଣ୍ଣ ବି ହୋଇଥିଲା। ବ୍ୟଙ୍ଗ ପୃଷ୍ଠାରେ ସ୍ଥାନିତ 'ନିଜ ଧର୍ମକୁ ନିଜେ ରକ୍ଷାକରରେ ଭାଇ'ଶୀର୍ଷକ ଆଲେଖ୍ୟଟି ବି ଏକ ନିଆରା ଆଲେଖ୍ୟ ଥିଲା।

*– ବାପୁନି, ଭଦ୍ରକ*

## ବିଶେଷ ଚିଠି



ନୂଆବର୍ଷର ଉତ୍ସାହକୁ ନେଇ
ଥିଲା ଏଥରର ପ୍ରଚ୍ଛଦ,
କରୁଥିଲା କିମିଆ ସିଏ
ମନେ ଭରିଲା ଅପୂର୍ବ ଆନନ୍ଦ।
ସିନେମାର ଖବର ଲାଗୁଥିଲା
ଭାରି ଚମତ୍କାର,
ପ୍ରଥମ ରୋଜଗାରର ଅନୁଭୂତି ବି
ମନକୁ କରୁଥିଲା ବିଭୋର।
ସେଥିପାଇଁ ହେ ମୋର ପ୍ରିୟ ଛୁଟିଦିନ
ତୁମକୁ ଝୁରୁଛି ମୋ ମନ ସବୁଦିନ।

*– ସିଦ୍ଧାର୍ଥ ପଟ୍ଟନାୟକ, ଯାଜପୁର*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ପର୍ବତ ନନ୍ଦିନୀ

**ପର୍ବତାରୋହଣ ନିହାତି ଏକ ଦୁଃସାହସିକ ଯାତ୍ରା। ଯେଉଁଥିରେ ଅନେକ ବାଧାବିଘ୍ନ ଆସିଥାଏ। କିନ୍ତୁ ଶିଖର ଛୁଇଁବାର ନିଶା ଏମାନଙ୍କ ନିଷ୍ପତ୍ତିକୁ ବଦଳାଇ ନ ଥାଏ। ଯେଉଁ ନିଶାରେ ସାମିଲ ହୋଇଥିବା କେତେଜଣ ପର୍ବତାରୋହୀ ଝିଅଙ୍କୁ ନେଇ ଏଥରର ପ୍ରଚ୍ଛଦ..**



ସସ୍ମିତା

ପର୍ବତାରୋହଣ ନିହାତି ଏକ ଦୁଃସାହସିକ ଯାତ୍ରା। ଯେଉଁଥିରେ ଅନେକ ବାଧାବିଘ୍ନ ଆସିଥାଏ। କିନ୍ତୁ ସବୁ ବାଧାବିଘ୍ନକୁ ଆଡ଼େଇ ମାଡ଼ି ଚାଲନ୍ତି ଆଗକୁ। ପାହାଡ଼ର ଯେତେ ଯେତେ ଶିଖରକୁ ସେମାନେ ଚଢ଼ନ୍ତି ସେତେ ନିଃଶ୍ୱାସ ଛାଡ଼ିବା ଓ ପ୍ରଶ୍ୱାସନେବା କଷ୍ଟସାଧ୍ୟ ହୋଇପଡ଼େ। ମାତ୍ର ଶିଖର ଛୁଇଁବାର ନିଶା ଏମାନଙ୍କ ନିଷ୍ପତ୍ତିକୁ ବଦଳାଇ ନ ଥାଏ। ଯେଉଁ ନିଶାରେ ସାମିଲ ହୋଇଥିବା କେତେଜଣ ପର୍ବତାରୋହୀ ଝିଅଙ୍କୁ ନେଇ ଏଥରର ପ୍ରଚ୍ଛଦ..

**ପିଲାଦିନର ସ୍ୱପ୍ନ ପୂରଣ ହେଲା:** ସ୍କୁଲ ବୟସରେ ସେ ଖେଳ ଦେଖିବା ସହ ଭାଗ ନେବାକୁ ଭଲ ପାଉଥିଲେ। କେତେକ ଦୁଃସାହସିକ କ୍ରୀଡ଼ା ବିଷୟରେ ଶୁଣି ସେଥିରେ କିପରି ଯୋଗଦେବେ ସେହି ଚିନ୍ତା ତାଙ୍କୁ ଘାରିଥିଲା। ସମୟକ୍ରମେ ପର୍ବତାରୋହଣ କୋର୍ସ କଲେ ଏବଂ ଏକାଧିକ ପର୍ବତାରୋହଣ କରି ନିଜର ଏକ ପରିଚୟ ସୃଷ୍ଟି କଲେ । ସେ ହେଲେ **ଅନିତା ସ୍ୱାଇଁ**। ପିତା ହଜାରୀ ସ୍ୱାଇଁ, ମା' ପ୍ରଭାତି ସ୍ୱାଇଁ। ଘର ଭୁବନେଶ୍ୱର ନୟାପଲ୍ଲୀ ଅଞ୍ଚଳରେ। ସେ କୁହନ୍ତି, 'ସ୍କୁଲ ବୟସରେ ବିଭିନ୍ନ ଖେଳରେ ଭାଗନେଉଥିଲି। ଦୁଃସାହସିକ କ୍ରୀଡା ପ୍ରତି ଆଗ୍ରହ ଥିବାରୁ ଦିନେ ଚିନ୍ତା କଲି କିପରି ପାହାଡ଼ଚଢ଼ି ଶିଖର ଛୁଇଁବି। ସମୟକ୍ରମେ ଏକ ପାହାଡ଼ଚଢା କ୍ୟାମ୍ପରେ ଯୋଗଦେବାର ସୁଯୋଗ ମିଳିଲା। ଏଥିପାଇଁ ଏକ ମାଉଣ୍ଟାରି ଇନ୍‌ଷ୍ଟିଚ୍ୟୁଟ୍‌ରେ ତାଲିମ ନେବାକୁ ପଡ଼ିଥିଲା । ପ୍ରଥମେ ମନାଲିଠାରେ ସ୍କୁଲ, କଲେଜର କେତେଜଣ ଛାତ୍ରୀଛାତ୍ରଙ୍କୁ ଏହି ତାଲିମ ପ୍ରଦାନ କରାଯାଇଥିଲା। ଏଠାରେ ପର୍ବତାରୋହଣର ତାଲିମ ନେଲି। ଯାହା ଥିଲା ୨୦୧୬ ମସିହାର କଥା। ପ୍ରଥମ ବେସିକ କୋର୍ସ ତା' ପରେ ଆଡ୍‌ଭାନସ କୋର୍ସ କଲି। ପର୍ବତ ସିତିଧରରେ ପ୍ରାୟ ୧୫,୬୦୦ଫୁଟ, ୨୦୧୭ରେ ରେନୋକରେ ୧୫,୦୦୦ଫୁଟ, ୨୦୧୮ରେ ଫ୍ରେଣ୍ଡଶିପ୍ ଭାବେ ୧୭,୩୦୦ଫୁଟ, ୨୦୨୩ରେ ଆଫ୍ରିକାର କିଲିମଞ୍ଜାରରେ ୧୯,୩୪୧ଫୁଟ ଏବଂ କାଙ୍ଗ୍ୟାସେଟ-୨ରେ ସଫଳତାର ସହିତ ଆରୋହଣ କରିଥିଲି। ପର୍ବତାରୋହଣର ଯାତ୍ରା କଥା କହିଲେ ଏଥିପାଇଁ ସାହସବାନ୍ଧି ସର୍ତକତାର ସହିତ ଚାଲିବାକୁ ହୁଏ। କାରଣ କେତେକ ପର୍ବତ ଉପରେ ବରଫ ପଡ଼ିଥାଏ ଓ ତଳେ ଘାଇ ଥାଏ । ଯଦି କୌଣସି କାରଣରୁ ଦୁର୍ଘଟଣା ଘଟେ ତେବେ ବଞ୍ଚିବାର ଆଶା କମ୍ ଥାଏ। ଡର ଲାଗୁଥିଲେ ବି ଭଗବାନଙ୍କ ଉପରେ ଦୃଢ଼ବିଶ୍ୱାସ ରଖି ପର୍ବତ ଉପରକୁ ଚଢିଥାଉ। ଏଯାଏ ପ୍ରାୟ ୩୫ରୁ ୪୦ଟି କ୍ୟାମ୍ପ୍‌ରେ ଯୋଗଦେଇ ସାରିଛି। ପ୍ରଥମ ର୍ୟାଙ୍କ୍‌ରେ୨୧,୪୦୦ଫୁଟ ପରେ ଲଦାଖ, ୧୭,୪୦୦ଫୁଟ ଫ୍ରେଣ୍ଡଶିପ୍ ସିଟିଧାର, ୬୨୫୦ ମିଟର ଡୋଡ଼ୋ ଜଙ୍ଗ ଅତିକ୍ରମ କରିସାରିଛି। ମୋର ଲକ୍ଷ୍ୟ ଓଡ଼ିଶାର ପିଲାମାନେ ଏହି ଦିଗରେ ଆଗକୁ ଯିବା ପାଇଁ ସେମାନଙ୍କୁ ଉତ୍ସାହିତ କରାଇବା ସହିତ ଜଣେ ପର୍ବତାରୋହୀ ଭାବେ ନିଜର ସ୍ୱତନ୍ତ୍ର ସ୍ଥାନ ହାସଲ କରିବା।

**ଲକ୍ଷ୍ୟ ଥିଲା ଏଭେରେଷ୍ଟ:** ଥରେ ସ୍କୁଲର ଏକ କାର୍ଯ୍ୟକ୍ରମରେ ଜଣେ ପର୍ବତାରୋହୀଙ୍କ ବିଷୟରେ ଶୁଣି ଏହି କ୍ଷେତ୍ର ପ୍ରତି ମନ ବଳାଇଥିଲେ । ସେ ହେଲେ **ସସ୍ମିତା ପ୍ରଧାନ**। ପିତା ଗନ୍ଧର୍ବ ପ୍ରଧାନ, ମା' ମମତା ପ୍ରଧାନ, ଘର ଭୁବନେଶ୍ୱରୟୁନିଟ-୮ରେ।ସେକୁହନ୍ତି, 'ସ୍କୁଲଓକଲେଜରେହେଉଥିବାବିଭିନ୍ନ କ୍ରୀଡ଼ା। ପ୍ରତିଯୋଗିତାରେ ଭାଗ ନେଇ ପୁରସ୍କୃତ ହେଉଥିଲି । କିନ୍ତୁ ପର୍ବତାରୋହଣ ସମ୍ପର୍କରେ ଥରେ ଏକ କୌତୂହଳ କଥାଶୁଣି ମନରେ ନାନା ପ୍ରଶ୍ନଉଠିଥିଲା। ଏହାର ବାସ୍ତବତା କ'ଣ ଜାଣିବା ପାଇଁ କେତୋଟି ୟୁଟ୍ୟୁବ୍ ଚ୍ୟାନେଲକୁ ଦେଖିଥିଲି। ସେଥିରୁ ପର୍ବତାରୋହଣର କିଛି ନୂଆକଥା ଜାଣିପାରିଲି। ଲକ୍ଷ୍ୟ ଥିଲା ହିମାଳୟର ଏଭରେଷ୍ଟ। ହେଲେ କିପରି ପହଞ୍ଚି ପାରିବି ସେଠାରେ, କିପରି ହୋଇଥିବ ପରିବେଶ, ଏମିତି ନାନା ଜଣାଅଜଣା ଘଟଣା ଜଣିବା ପାଇଁ ମନରେ ପ୍ରବଳ ଆଗ୍ରହ ସୃଷ୍ଟି ହୋଇଥିଲା। ଫଳରେ ପର୍ବତାରୋହଣ କରିବାର ଜିଜ୍ଞାସା ମନକୁ ଅଥୟ କଲା। ଏଥିପାଇଁ କେଉଁଠି ତାଲିମ ନେବାକୁ ହେବ ତାହା ଖୋଜିଲି। ସେତେବେଳେ କମଳା ନେହେରୁ ମହାବିଦ୍ୟାଳୟରେ ମୋର ବି.ଏ. ପଢ଼ା ସରିଥାଏ । ୨୦୧୧ ମସିହାର କଥା, କଲେଜକୁ ଏକ କାର୍ଯ୍ୟକ୍ରମରେ ପର୍ବତାରୋହୀ ଗଣେଶ ଚନ୍ଦ୍ର ଜେନା ଆସିଥିଲେ। ସେ କିପରି ଏଭରେଷ୍ଟକୁ ଚଢ଼ିଥିଲେ, ବହୁ ବାଧାବିଘ୍ନର ସାମ୍ନା ହୋଇଥିଲେ ସେହି ଅନୁଭୂତିକୁ କହିଥିଲେ। ଗଣେଶ ସାର୍‌ଙ୍କ ଫୋନ ନମ୍ବର ରଖିଥିଲି। ପରେ ଗଣେଶ ସାରଙ୍କ ସହିତ କଥା ହେଲି । ତାଙ୍କ ଉଦ୍ୟମରେ ପର୍ବତାରୋହଣ ପାଇଁ ସୁଯୋଗ ମିଳିଲା। ୨୦୧୬ ମସିହାରେ ପ୍ରଥମେ କଶ୍ମୀରରେ ଜି.ଏମ୍. ଇନ୍‌ଷ୍ଟିଚ୍ୟୁଟ୍‌ରେ ବି.ଏମ୍.ସି. କରିଥିଲି। ପ୍ରଥମ ଥର ୧୪,୫୦୦ ଫୁଟର ଗ୍ରୀନଟପ୍‌କୁ ଚଢ଼ି ସଫଳ ହୋଇଥିଲି। ଟ୍ରେକିଙ୍ଗ ସମୟରେ ମତେ ବହୁତ କିଛି ଅନୁଭୂତି ମିଳିଥିଲା। ପ୍ରଥମ ପ୍ରସ୍ତୁତିରେ ପାହାଡ଼ ଚଢ଼ିବାରେ କ'ଣ ଜରୁରୀ ରହିଛି ତାହା ଜାଣିପାରିଲି। ତା' ପରେ କିପରି ଗ୍ରୁପ୍ ସହିତ ଚାଲିବାକୁ ହେବ ଶିଖିଲି। ଚାଲିବା ସମୟରେ ପାହାଡ଼ର ଯେତେ ଉପରକୁ ଚଢୁଥିଲି, ନିଃଶ୍ୱାସ ନେବାରେ ବହୁତ କଷ୍ଟ ଅନୁଭବ କରୁଥିଲି। କିନ୍ତୁ ମନେମନେ ଭାବୁଥିଲି ଓଡ଼ିଶାର ବହୁତ ପାହାଡ଼ ଚଢ଼ିଥିଲି ଏବଂ ବହୁତ ଦୂର ଦୌଡ଼ିଥିଲି ହେଲେ ଏମିତି ତ ଲାଗୁ ନ ଥିଲା। ଏଠି ଏମିତି କାହିଁକି ଲାଗୁଛି, ଏତେ କଷ୍ଟ କାହିଁକି ? ନାନା ପ୍ରଶ୍ନ ମନକୁ ଛୁଉଁଥିଲା। କିନ୍ତୁ ଯେତେବେଳେ ପର୍ବତ ଉଚ୍ଚକୁ ପହଞ୍ଚୁଥିଲି ସେଠିକାର ସୌନ୍ଦର୍ଯ୍ୟରେ ସବୁକିଛି କଷ୍ଟ ଭୁଲି ଯାଉଥିଲି। କେତେବେଳୁ ଯେ ପର୍ବତର ଶିଖରରେ ପହଞ୍ଚି ସାରିଥାଏ ତାହା ମତେ ଜଣା ନ ଥାଏ। ବହୁ ବାଧାବିଘ୍ନକୁ ଅତିକ୍ରମ କରି ଏଠି ପହଞ୍ଚିବାକୁ ପଡୁଥିଲା। ଏହି ପର୍ବତାରୋହଣ ପାଇଁ ପ୍ରାଥମିକ କୋର୍ସ କରିଥିଲି। ଏମିତିରେ ପୂର୍ବରୁ ଏନ୍‌ଏସ୍‌ଏସ୍ ଏବଂ ଏନ୍‌ସିସି, ଓଡ଼ିଶା ରାଜ୍ୟ ବିପର୍ଯ୍ୟସ୍ତ ଓ ପ୍ରଶମନ କ୍ଷେତ୍ରରେ ସିଭିଲି ଡିଫେନ୍‌ସ ତାଲିମ ପାଇଥିଲି। ପାହାଡ଼ ଚଢ଼ାଳି ଭାବେ- ୨୦୧୯ରେ ଉତ୍ତରକାଶୀରେ- ୧୪,୫୭୦ଫୁଟ, ବ୍ୟାସକୁଣ୍ଡ ମନାଲିରେ ୨୦୧୮ରେ -୧୨,୭୭୨ଫୁଟ, ଟାଇଗର ହିଲ୍‌ରେ ୨୦୧୭ରେ- ୧୬୫୦୦ଫୁଟ, ହମଟାପାସରେ ୨୦୧୮ରେ ୧୪,୩୬୫ଫୁଟ ଏଥିସହିତ ଦେଢବର୍ଷ ଧରି ଆଇଏମ୍‌ଏନ୍ ଇ-କୋର୍ସ, ଟାଟା ଷ୍ଟିଲ୍‌ରେ ଆଡ୍‌ଭେଞ୍ଚର, କଳିଙ୍ଗ ଷ୍ଟାଡିୟମଠାରେ ୨ବର୍ଷ, ବେଙ୍ଗାଲୁରୁରେ ଦେଢବର୍ଷ ଏବଂ ୫ବର୍ଷ ଧରି ଜାତୀୟ ଆଡ୍‌ଭେଞ୍ଚର କ୍ଲବରେ କାର୍ଯ୍ୟକରିଛି। ଯାହା ହେଉ ମୋର ପର୍ବତ ଶିଖରରେ ପହଞ୍ଚିବାର ଯେଉଁ ଅଭିଳାଷ ଥିଲା ତାହା ସଫଳତା ମିଳିପାରିଛି। ଏହା କେବଳ ସମସ୍ତ ଗୁରୁଜନଙ୍କ ଆଶୀର୍ବାଦ ପାଇଁ ସମ୍ଭବ ହୋଇପାରିଥିଲା। ପର୍ବତାରୋହଣ ବେଳେ ପ୍ରଥମେ ମାନସିକ ଓ ଶାରୀରିକ ଶକ୍ତିକୁ ଦୃଢ଼ କରିବାକୁ ହେବ। ପ୍ରତିଦିନ ପ୍ରାୟ ୫ରୁ ୭କିମି ଦୌଡ଼ିବାକୁ ପଡୁଥିଲା। ଦୃଢ଼ ଇଚ୍ଛାଶକ୍ତିକୁ ଜାଗ୍ରତ କରିବାକୁ ହୋଇଥାଏ। ପର୍ବତାରୋହଣ ବେଳେ ଯଦି କୌଣସି ସମସ୍ୟା ଦେଖାଦିଏ ତାହାକୁ ହଟେଇ ଚାଲିବାକୁ ପଡ଼ିଥାଏ। ବର୍ତ୍ତମାନ ଏହି ଦୁଃସାହସିକ କ୍ୟାମ୍ପରେ ପ୍ରାୟ ୭ବର୍ଷ ଧରି କାର୍ଯ୍ୟ କରୁଛି। ଆଡ୍‌ଭେଞ୍ଚର ଇନ୍‌ଷ୍ଟିଚ୍ୟୁଟରେ ଇନ୍‌ଷ୍ଟ୍ରକଟର ଭାବରେ କଲେଜ ଏବଂ ସ୍କୁଲର ଛାତ୍ରୀଛାତ୍ରଙ୍କୁ ତାଲିମ ଦେଇଥାଏ। ଓଡ଼ିଶାରେ ପର୍ବତାରୋହଣ ପାଇଁ ସ୍କୁଲ କଲେଜର ପିଲାଙ୍କ ମନରେ ଆଗ୍ରହ ସୃଷ୍ଟି ପାଇଁ ପ୍ରୟାସ କରୁଛି।



ପ୍ରଭାସିନୀ

→



ମାମାଲି

**ବାପା ମୋ ପ୍ରେରଣା:** ଏମ୍.ବି.ଏସ୍ ପବ୍ଲିକ ସ୍କୁଲ ୫ମ ଶ୍ରେଣୀର ଛାତ୍ରୀ **ଆରାଧ୍ୟା ଜେନା**। ଘର ଗଜପତି ଜିଲାର ପାରଳାଖେମୁଣ୍ଡିର ବି.ସୀତାପୁରରେ। ସେ କୁହନ୍ତି,'ବାପା ଗଣେଶ ଚନ୍ଦ୍ର ଜେନାଙ୍କ ଦ୍ୱାରା ପର୍ବତାରୋହଣ କ୍ଷେତ୍ର ପ୍ରତି ପ୍ରଭାବିତ ହୋଇ ପାହାଡ଼ ଚଢ଼ା ଅଭିଯାନ ଆରମ୍ଭ କରିଛି। ପ୍ରଥମେ ବାପାଙ୍କ ସହିତ ପାହାଡ଼ ଚଢ଼ା ସମ୍ପର୍କିତ କେତେକ କୌଶଳ ଜାଣିଲି। ସମୟକ୍ରମେ ୨ଟି ଆଡ୍‌ଭେଞ୍ଚର କ୍ୟାମ୍ପରେ ଯୋଗ ଦେଇଥିଲି ଯଥା ମନାଲି ଓ ଜିସପା। ବୌଦ୍ଧସ୍ତୁପ ଜିସପାରେ ୧୨,୩୨୨ଫୁଟ, ବରାଲଚଲରେ ୧୬,୨୫୦ ଫୁଟ ଏବଂ ଭରତପୁର କ୍ୟାମ୍ପରେ ବେସ୍ ମାଉଣ୍ଟରେ ୧୫୬୦୩ଫୁଟ, ଲଦାଖରେ ୧୪୯୩୮ଫୁଟ ଆଦି ପର୍ବତାରୋହଣ କରି ସାରିଲାଣି। ଚଣ୍ଡିଗଡ଼ଠାରେ ଜାତୀୟ ଆଡ୍‌ଭେଞ୍ଚର କ୍ଲବ ଭାରତ ତରଫରୁ ଆୟୋଜିତ ଜାତୀୟ ଆଡ୍‌ଭେଞ୍ଚର ଫେଷ୍ଟିଭାଲରେ ପୁରସ୍କୃତ ହୋଇଛି। ପର୍ବତ ଆରୋହଣ ବେଳେ ଭୟ ଲାଗୁଥିଲା, ମାତ୍ର ବାପାଙ୍କ କଥା ମନରେ ସାହସ ଦେଇଥିଲା। ପର୍ବତରେ ଚଢିଲା ବେଳେ ସମ୍ପୂର୍ଣ୍ଣ ଭାବେ ଜଗିରଖି ଚାଲିବାକୁ ହୁଏ। କାରଣ ଏଠି ପ୍ରତି ପାଦେପାଦେ ବିପଦ ରହିଥାଏ। ଯେପରି କିଛି ଅଘଟଣ ନ ଘଟିବ ସେଥିପ୍ରତି ସତର୍କ ହୋଇ ପାହାଡ଼ ଚଢାର କୌଶଳକୁ ଅବଲମ୍ବନ କରିଯିବାକୁ ପଡ଼ିଥାଏ। ମୋର ଲକ୍ଷ୍ୟ ବାପାଙ୍କ ପରି ଜଣେ ଭଲ ପର୍ବତାରୋହଣକାରୀ ଭାବେ ଆମ ରାଜ୍ୟ ଓ ଦେଶର ନାଁ ରଖିବି। ଏଥିପାଇଁ କେତେକ କୌଶଳକୁ ଅଭ୍ୟାସ କରୁଛି।



**୧୯ଟି ଶିଖର ଛୁଇଁ ସାରିଛି:** ସ୍କୁଲ ବୟସରୁ ସେ ସ୍ୱପ୍ନ ଦେଖୁଥିଲେ ଜଣେ ଭଲ କ୍ରୀଡ଼ାବିତ୍ ଭାବେ ନାଁ କରିବାକୁ । ଏମିତିରେ ପୋଷ୍ଟ ଗ୍ରାଜୁଏଟ ସାରିଲେଣି। ଏଥିସହିତ ଦୁଃସାହସିକ ପର୍ବତାରୋହୀ ଭାବେ ଭିନ୍ନ ପରିଚୟ ସୃଷ୍ଟି କରିଛନ୍ତି । ସେ ହେଲେ **ପ୍ରଭାସିନୀ ବେହେରା**। ମାତା ପଙ୍କଜିନୀ ବେହେରା, ପିତା ପ୍ରଶାନ୍ତ ବେହେରା, ଘର ଢେଙ୍କାନାଳ ଜିଲାର ବେରୁଆଁପାଳ ଗ୍ରାମରେ। ସେ କୁହନ୍ତି, ସ୍କୁଲ ବୟସରୁ ଜଣେ ଭଲ ଖେଳାଳି ହେବାର ସ୍ୱପ୍ନ ଦେଖୁଥିଲି। କଲେଜ ସମୟରେ ଜାଭେଲିନ, ଡିସ୍‌କସ, ଶଟଆଉଟ ଆଦିରେ ଦକ୍ଷତା ଦେଖାଇ ବ୍ଲକ ସ୍ତରରୁ ଆରମ୍ଭକରି ଜାତୀୟସ୍ତରରେ ସଫଳତାର ସହିତ ସ୍ୱର୍ଣ୍ଣପଦକ ହାସଲ କରିଥିଲି। ଇଚ୍ଛାଥିଲା ଜଣେ ଉତ୍ତମ କ୍ରୀଡ଼ାବିତ୍ ଭାବେ ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶାର ନାଁ ରଖିବି। କିନ୍ତୁ ସମୟ ହିଁ ସବୁକିଛି ଓଲଟପାଲଟ କରିଦେଲା। ସ୍ୱପ୍ନ ବଦଳିଗଲା ୨୦୧୬ ମସିହାରେ। ଏକ ସଡ଼କ ଦୁର୍ଘଟଣାରେ ମୋର ଡାହାଣ ହାତରେ ଆଘାତ ଲାଗିବାରୁ ଏହି ଦିଗରୁ ବିରତ ରହିଲି। କିନ୍ତୁ ମନରେ ଏକ ଅବସୋସ ରହିଗଲା। ସବୁବେଳେ ମନକୁ ଆସୁଥିଲା କିପରି ନାଁ କମେଇବି, ଓଡ଼ିଶାର ନାଁ ରଖିବି। ଏହି କଥା ସବୁବେଳେ ମନକୁ ଆନ୍ଦୋଳିତ କରୁଥିଲା। ଦିନେ ପର୍ବତାରୋହଣକାରୀ ଗଣେଶ ସାର୍‌ଙ୍କ ସହିତ ଏକ ଶିବିରରେ ଭେଟ ହେବାରୁ ସେ ପର୍ବତାରୋହଣ କରିବା ଦିଗରେ କିପରି ତାଲିମ ନେବାକୁ ହେବ ତାହା ଜଣାଇଥିଲେ। ସେବେଠାରୁ ପର୍ବତାରୋହଣର ନିଶା ଘାରିଥିଲା। ଯାହାକୁ ସଫଳ କରିବା ପାଇଁ ତାଲିମ ନେଲି। ୨୦୧୯ରେ ମୋର ପରିଚୟ ସହିତ ଆଉ ଏକ ପରିଚୟ ଯୋଡ଼ି ହୋଇଗଲା ଜଣେ ପର୍ବତାରୋହଣକାରୀ ଭାବେ । ଏଥିଯୋଗୁ ୨୦୧୯ ମସିହାରେ ଉତ୍ତରାଖଣ୍ଡରେ ୧୩୦୦ଫୁଟ, ୨୦୧୯ରେ ଲଦାଖରେ ୨୧୦୦ଫୁଟ, ୨୦୨୦ରେ ଦେଓମାଳିରେ ୫୫୦୦ଫୁଟ, ୨୦୨୧ରେ ମହେନ୍ଦ୍ରଗିରିରେ ୫୪୫୦ଫୁଟ, ସହସଗିରିରେ ୨୦୨୧ରେ ୫୪୫୦ଫୁଟ, ୨୦୨୨ରେ ମୁଲାୟମଗିରି କର୍ନାଟକରେ ୬୨୦୦ଫୁଟ,୨୦୨୨ରେ ତାମିଲନାଡୁ ଦେବତରେ ୮୬୫୦ଫୁଟ, ୨୦୨୨ରେ କେଦାରନାଥ ଉତ୍ତରାଖଣ୍ଡରେ ୧୩୮୦୦ଫୁଟ, ୨୦୨୨ରେ ପରଶନାଥ ଝାଡ଼ଖଣ୍ଡରେ ୫୪୩୦ଫୁଟ, ୨୦୨୩ରେ ଗୁଜରାଟ ଜିମନାରରେ ୬୨୦୦ଫୁଟ, ଗୁରୁଶିଖର ରାଜସ୍ଥାନରେ ୨୦୨୩ରେ ୭୩୧୫ଫୁଟ, ଅଞ୍ଜନୀ ମହାଦେବ ହିମାଚଳରେ ୨୦୨୩ରେ ୧୨୫୦୦ ଫୁଟ ଏବଂ ୟୁମାନ ମାଉଣ୍ଟ ଫ୍ରେଣ୍ଡଶିପ୍‌ରେ ୧୭୯୦୦ ଫୁଟ ପର୍ବତରୋହଣ କରିସାରିଲାଣି। ତେବେ ଗୋଟିଏ ପରେ ଗୋଟିଏ ପର୍ବତାରୋହଣ କରି ଭାରତର ପ୍ରାୟ ୧୪ ରାଜ୍ୟରେ ରହିଥିବା ମୁଖ୍ୟ ୧୯ଟି ସର୍ବୋଚ୍ଚ ପର୍ବତାରୋହଣ କରି ସାରିଲିଣି। ହିମାଚଳ ପ୍ରଦେଶ ହେଉ କି ଉତ୍ତରାଖଣ୍ଡ ଏହି ସବୁ ରାଜ୍ୟରେ ଥିବା ପ୍ରମୁଖ ପର୍ବତ ଶିଖରକୁ ପହଞ୍ଚି ପାରିବାର ଗୌରବ ଅର୍ଜନ କରିପାରିଛି।

**ଲକ୍ଷ୍ୟ ରହିଛି ଆହୁରି ଆଗକୁ:** ବିଭିନ୍ନ ଆଡ୍‌ଭେଞ୍ଚର କ୍ୟାମ୍ପରେ ଯୋଗ ଦେଇଥିଲେ। କଲେଜ ସମୟରୁ ପର୍ବତାରୋହଣ ପାଇଁ ମନ ବଳାଇଥିଲେ। ଯେଉଁଥିପାଇଁ ସେ ତାଲିମ ନେଇ ଏକାଧିକ ପର୍ବତ ଆରୋହଣ କରିସାରିଲେଣି। ସେ ହେଲେ **ମାମାଲି ପ୍ରଧାନ**। ମା' ସୁଦେଷ୍ଣା ପ୍ରଧାନ, ପିତା ଗୌରହରି ପ୍ରଧାନ। ଘର ଭୁବନେଶ୍ୱର କପିଳପ୍ରସାଦ ସୁନ୍ଦରପଦା ଅଞ୍ଚଳର ଜେନା ସାହିରେ। ସେ କୁହନ୍ତି,'ମୋର ଗ୍ରାଜୁଏଶନ ସରିଛି । କଲେଜ ସମୟରୁ ପର୍ବତ ଆରୋହଣ କ୍ଷେତ୍ରରେ ଯୋଗ ଦେଇଛି। ପୂର୍ବରୁ ବିଭିନ୍ନ ପ୍ରକାର ଆଡ୍‌ଭେଞ୍ଚର କ୍ୟାମ୍ପ୍‌ରେ ଯୋଗ ଦେଇଥିଲି। ଜାତୀୟ ଆଡ୍‌ଭେଞ୍ଚର ଫାଉଣ୍ଡେଶନରେ ପ୍ରାକ୍ଟିସ କରିଥିଲି। ବିଜୁ ପଟ୍ଟନାୟକ ହିମାଚଳ ଏକ୍ସପେଡିଶନ ଦ୍ୱାରା ଉତ୍ତରକାଶୀ ପର୍ବତର ଟପ୍‌ରେ ୧୧୪୦୦ଫୁଟ, ପୁଣି ଲଦାଖ ହିଲ୍ ଷ୍ଟକକାଙ୍ଗ୍ରିରୁ ୨୦୧୮୭ ଫୁଟ ଏମିତି ଏକାଧିକ ପର୍ବତ ଆରୋହଣ କରିସାରିଲିଣି। ପର୍ବତ ଉପରକୁ ଚାଲିବା ବେଳେ ଖୁବ୍ ସାବଧାନର ସହିତ ଚାରିଆଡ଼କୁ ନଜରରଖି ଚାଲିବାକୁ ପଡ଼ିଥାଏ। କାରଣ ଟିକେ ଏପଟସେପଟ ହେଲେ ତଳକୁ ଖସିପଡ଼ିବାର ଡରଥାଏ। ସେଥିପାଇଁ ଦୃଢମନୋବଳ ଓ ଶାରୀରିକ ଦକ୍ଷତାକୁ ଠିକ୍‌ରଖି ଆଗକୁ ଚାଲିଥାଉ। ଯେତେ ଉପରକୁ ଯିବ ଆକାଶର ବାଦଲ ଭିତରେ ପଶିଗଲାପରି ଲାଗେ। ଏବେ ଆଉ କେତୋଟି ପର୍ବତରେ ଆରୋହଣ କରିବା ଲକ୍ଷ୍ୟ ରଖିଛି। ମାତ୍ର ଆବଶ୍ୟକ ଅର୍ଥ ଅଭାବ ରହିଛି । ଏଥିଯୋଗୁ ଲକ୍ଷ୍ୟସ୍ଥଳରେ ପହଞ୍ଚିବାରେ ପ୍ରତିବନ୍ଧକ ଦେଖାଦେଇଛି। ସରକାରୀ କିମ୍ବା ବେସରକାରୀ ସ୍ତରରେ ପ୍ରୋତ୍ସାହନ ମିଳିପାରିଲେ ପର୍ବତାରୋହଣରେ ଅଧିକ ସଫଳତା ମିଳିପାରିବ ବୋଲି ଆଶା କରିଛି। ଏମାନଙ୍କ ବ୍ୟତୀତ ଆହୁରି ଅନେକ ପର୍ବତ ଆରୋହଣକାରୀ ଅଛନ୍ତି। ସେମାନେ ରାଜ୍ୟ, ଦେଶ ଓ ବିଦେଶର ବିଭିନ୍ନ ଉଚ୍ଚପର୍ବତକୁ ଆରୋହଣ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟିକରିଛନ୍ତି।


**-ବନବିହାରୀ ବେହେରା**



ଅନିତା



ଆରାଧ୍ୟା





# ବ୍ଲଡ ଗ୍ରୁପ୍ କହେ ବ୍ୟକ୍ତିତ୍ୱର କଥା

**ସବୁ ମଣିଷଙ୍କ ରକ୍ତ ଦେଖିବାକୁ ସମାନ ଲାଲ ରଙ୍ଗର ହୋଇଥିଲେ ହେଁ ବିଜ୍ଞାନ କହେ ପ୍ରକୃତରେ ସମସ୍ତଙ୍କ ରକ୍ତ ସମାନ ନୁହେଁ। ଆଉ ତାହା ବିଭିନ୍ନ ଗ୍ରୁପ୍‌ରେ ବିଭକ୍ତ। କିଏ ‘ଓ’ ଗ୍ରୁପର ହୋଇଥିବାବେଳେ ଆଉ କିଏ ‘ଏ’ ଅବା ‘ବି’ ଗ୍ରୁପର ହୋଇଥାନ୍ତି। ଏହି ସବୁ ଗ୍ରୁପ୍ ମଧ୍ୟ ଆହୁରି କେତୋଟି ଭାଗରେ ବିଭକ୍ତ। ତେବେ ଜାଣନ୍ତି କି ଲୋକଙ୍କ ସ୍ୱଭାବ ଓ ବ୍ୟକ୍ତିତ୍ୱ ଏହି ବ୍ଲଡ ଗ୍ରୁପ ସହ ଜଡ଼ିତ ଥାଏ..**













ଜାପାନର ପ୍ରଫେସର ତୋକେଜି ଫୁରୁକାୱା ୧୯୩୦ରେ ପ୍ରଥମେ ଏକ ତଥ୍ୟ ପ୍ରକାଶ କରିଥିଲେ ଯେ, ପ୍ରତି ବ୍ଲଡ ଗ୍ରୁପ ବ୍ୟକ୍ତିଙ୍କ ବ୍ୟକ୍ତିତ୍ୱକୁ ଦର୍ଶାଏ। ଅର୍ଥାତ୍ ମଣିଷର ବ୍ଲଡ ଗ୍ରୁପ ମଣିଷର ସ୍ୱଭାବ ସହ ଜଡ଼ିତ। ସେଥିପାଇଁ ଜାପାନର ଲୋକେ କାହା ସହ ମିଶିବାବେଳେ ତାଙ୍କର ବ୍ଲଡ ଗ୍ରୁପ୍ ପ୍ରଥମେ ଜାଣିବାକୁ ଚାହାନ୍ତି। ବିବାହ ବେଳେ ତ ସେମାନେ ଏହାକୁ ବେଶି ଗୁରୁତ୍ୱ ଦିଅନ୍ତି। ଯଦିଓ ଏହାର କୌଣସି ବୈଜ୍ଞାନିକ ପ୍ରମାଣ ନାହିଁ। ତଥାପି ଲୋକଙ୍କର ଏହା ଉପରେ ବହୁତ ବିଶ୍ୱାସ ଅଛି। ତେବେ ଜାଣିବା କେଉଁ ବ୍ଲଡ ଗ୍ରୁପ୍‌ର ଲୋକ କେଉଁ ସ୍ୱଭାବର ହୋଇଥାନ୍ତି...

## ‘ଓ’ ବ୍ଲଡ ଗ୍ରୁପ୍

ଓ+ : ଏହି ବ୍ଲଡ ଗ୍ରୁପର ବ୍ୟକ୍ତି ଅନ୍ୟଙ୍କୁ ସାହାଯ୍ୟ କରିବାରେ ବିଶ୍ୱାସ କରନ୍ତି। ଏମାନଙ୍କ ମନ ସଫା ଓ ସ୍ୱଭାବରେ ମେଳାପୀ ହୋଇଥାନ୍ତି। ଏମାନେ ବେଶ୍ ହସଖୁସିଆ ହେବା ସହ ବହୁତ କଥାବାର୍ତ୍ତା କରନ୍ତି ଓ ବିନ୍ଦାସ ସ୍ୱଭାବର ହୋଇଥାନ୍ତି।

ଓ− : ଏମାନେ ବି ହେଲ୍ପିଂ ନେଚରର ହୋଇଥାନ୍ତି। ତା’ସହ ମେଳାପି, ବ୍ରଡ ମାଇଣ୍ଡେଡ ବା ମୁକ୍ତ ବିଚାର ସମ୍ପନ୍ନ ହୋଇଥାନ୍ତି। ଆଉ ବେଶ୍ ହସଖୁସିଆ ସ୍ୱଭାବର ହୋଇଥାନ୍ତି।

## ‘ଏ’ ବ୍ଲଡ ଗ୍ରୁପ

ଏ+ : ଏହି ବ୍ଲଡ ଗ୍ରୁପ୍ ଥିବା ବ୍ୟକ୍ତିଙ୍କର ନେତୃତ୍ୱ ନେବାର କ୍ଷମତା ଭଲ ଥାଏ। ଅର୍ଥାତ୍ ଏମାନଙ୍କ ଭିତରେ ଲିଡରଶିପ କ୍ୱାଲିଟି ଥାଏ। ଏମାନେ ବହୁତ ବୁଦ୍ଧିମାନ ବି ହୋଇଥାନ୍ତି। ଆଉ ବେଶ ସହଜରେ ସମସ୍ତଙ୍କ ବିଶ୍ୱାସ ଭାଜନ ହୋଇପାରନ୍ତି। ତା’ସହ ଏମାନେ ସମ୍ବେଦନଶୀଳ ଓ ପରଫେକ୍ସନିଷ୍ଟ ବି ହୋଇଥାନ୍ତି।

ଏ− : ଏହି ବ୍ଲଡ ଗ୍ରୁପର ଲୋକେ ବହୁତ ପରିଶ୍ରମୀ ହୋଇଥାନ୍ତି। ଏମାନେ କଠିନ ପରିସ୍ଥିତିରେ କେବେ ବି ପଛଘୁଞ୍ଚା ଦିଅନ୍ତି ନାହିଁ। ଦୃଢତାର ସହ ସବୁ ପରିସ୍ଥିତିକୁ ସାମ୍ନା କରନ୍ତି। ଏହି ବ୍ଲଡ ଗ୍ରୁପର ବ୍ୟକ୍ତି ଯୋଜନାବଦ୍ଧଭାବେ କାମ କରନ୍ତି ଓ ସଫଳ ହୁଅନ୍ତି। ଏମାନେ ଆକର୍ଷକ ଓ ମଜଭୂତ ବି ହୋଇଥାନ୍ତି।

## ‘ବି’ ବ୍ଲଡ ଗ୍ରୁପ

ବି+ :ଏହି ବ୍ଲଡ ଗ୍ରୁପର ଲୋକେ ଇମୋଶନାଲ ହୋଇଥାଆନ୍ତି। ଅନ୍ୟକୁ ସାହାଯ୍ୟ ବି କରନ୍ତି। ଏମାନେ ସୁନ୍ଦର ଓ ସ୍ମାର୍ଟ ହୋଇଥାନ୍ତି। ଏମାନେ ସମ୍ପର୍କର ମହତ୍ୱକୁ ବୁଝନ୍ତି। ତା’ସହ ଏହି ବ୍ଲଡ ଗ୍ରୁପ୍‌ର ବ୍ୟକ୍ତି ସୃଜନଶୀଳ ଓ ତୁରନ୍ତ ନିଷ୍ପତ୍ତି ନେଇ ପାରନ୍ତି।

ବି− : ଏହି ବ୍ଲଡ ଗ୍ରୁପ୍‌ର ଲୋକେ ସୁନ୍ଦର ଓ ସ୍ମାର୍ଟ ହୋଇଥାନ୍ତି। ଏମାନେ ବହୁତ ପରିଶ୍ରମୀ ହୋଇଥାନ୍ତି। ଆଉ ସବୁକିଛି ପରିଶ୍ରମ ଦ୍ୱାରା ହିଁ ହାସଲ କରନ୍ତି।

ଏବି+ : ଏହି ବ୍ଲଡ ଗ୍ରୁପର ଲୋକେ ବୁଦ୍ଧିମାନ ହୋଇଥାନ୍ତି। ସ୍ୱଭାବରେ ଜେଣ୍ଟଲ ଓ କେୟାରିଂ ହୋଇଥାନ୍ତି। ତେବେ ଏମାନେ ନିଜକୁ ବହୁତ ରିଜର୍ଭ କରି ରଖନ୍ତି।

ଏବି− : ଏହି ବ୍ଲଡ ଗ୍ରୁପର ଲୋକଙ୍କ ମସ୍ତିଷ୍କ ଖୁବ୍ ସକ୍ରିୟ। ଅର୍ଥାତ୍ ଏମାନେ ବେଶ୍ ବୁଦ୍ଧିମାନ। ଆଉ ଖୁବ ଶୀଘ୍ର ସବୁ ବୁଝିପାରନ୍ତି।



# ସର୍ଜନାର ସୁବାସ ଓ ସ୍ନିଗ୍ଧତା

# ଡକ୍ଟର ତୁଳସୀ ଓଝା

ନାଟକ, କବିତା, ଅଭିନୟ, ସଙ୍ଗୀତ, ଗଳ୍ପ, ଗବେଷଣା ସବୁଦିଗରେ ହାତ ଚଳେଇ ସେ ପ୍ରମାଣ କରିଛନ୍ତି କେତେବେଶି ଧୂରୀଣ ହୋଇପାରେ ଜଣେ ସ୍ରଷ୍ଟା ଯଦି ସର୍ଜନାରେ ଆଗ୍ରହ, ଅନୁରାଗ ଓ ନିଷ୍ଠା ରଖିଥାଏ। ତେସ୍ତରି ବର୍ଷ ବୟସରେ ମୃତ୍ୟୁ ସହ ଲଢ଼େଇ କରି ଆସିଥିବା ଏହି ଭଗ୍ନ ସ୍ୱାସ୍ଥ୍ୟର ମଣିଷଟିକୁ ଦେଖିଲେ, ଶୁଣିଲେ ଜାଣିହେବ ନାହିଁ ଯେ, ତାଙ୍କୁ କାଳର କୌଣସି କରାଳ ଲକ୍ଷଣ ଛୁଇଁପାରିଛି । ଅସାଧାରଣ ସ୍ମରଣଶକ୍ତି, ଆମୋଦବୋଧ, ପ୍ରତ୍ୟୁତ୍ପନ୍ନମତିତା ସବୁ ସେମିତି ଅଛି ସହଜ ଓ ସ୍ୱାଭାବିକ ହୋଇ । ନାଟକ ସହ ଜଡିତ ତୁଳସୀ ଓଝା କୋଡ଼ିଏ ନାଟକରେ ଅଭିନୟ କରିବା ସହ ପନ୍ଦରଟି ନାଟକରେ ନିର୍ଦ୍ଦେଶନା ଦେଇଛନ୍ତି ଏବଂ ଷୋଳ ବର୍ଷ କାଳ ନବନାଟ୍ୟ ଆନ୍ଦୋଳନ ସହ ଜଡିତ ରହି ବିଭିନ୍ନ ପୁରସ୍କାର, ସମ୍ମାନ ଓ ବିପୁଳ ଲୋକପ୍ରିୟତା ହାସଲ କରିଛନ୍ତି। ବେତାର ଓ ଦୂରଦର୍ଶନ ତାଙ୍କ ସଂଯୋଜନା କଳା ଓ ନାଟ୍ୟ ପ୍ରତିଭାର ମୂକସାକ୍ଷୀ। ପ୍ରସିଦ୍ଧ ପୁରୀ ରଥଯାତ୍ରା ସମୟରେ ଧାରା ବିବରଣୀ ପ୍ରଦାନ ମାଧ୍ୟମରେ ସେ ଉକୁଟାଇପାରନ୍ତି ଜଗନ୍ନାଥ ସଂସ୍କୃତିକୁ ନେଇ ତାଙ୍କର ପାଣ୍ଡିତ୍ୟ ଓ ଅନୁରାଗ। ଅପର୍ଯ୍ୟାପ୍ତ ପୁସ୍ତକ ରଚନା କରି ସେ ଓଡ଼ିଆ ସାହିତ୍ୟର ସାରସ୍ୱତ ସମ୍ପଦର ଅଭିବୃଦ୍ଧି କରିଛନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ । 'ନାଟକରେ ମଧ୍ୟାନ୍ତର ନାହିଁ', 'ନାଟ ମଣ୍ଡପରେ କେହି ନାହାନ୍ତି', 'ସ୍ୱର', 'ଅପରାହ୍ନର ଖରା', 'ଆମର ନେତା', 'ବିନାଶ କାଳେ', 'ଆକାଂକ୍ଷିତ ଜହ୍ନ ଓ ପ୍ରତୀକ୍ଷିତ ବସନ୍ତର ଜ୍ୱାଳା', 'ଗଳ୍ପ ସଂକଳନରେ ସ୍ୱପ୍ନ କଢ', 'ଅସ୍ତି ଭାଗୀରଥି ତୀରେ', 'ବରଫ ଦୁର୍ଗର ନକ୍ସା', 'ଅନ୍ଧକାରେ ଅଦିତି', 'ଅପ୍ସରା-୨୦୧୩', 'ଅଝଟ ଝଡ଼' ଏବଂ ଗବେଷଣାତ୍ମକ ନିବନ୍ଧରେ 'ଓଡ଼ିଆ ନାଟକର ଚରିତ୍ର', 'ଉତ୍କଳୀୟ ଲୋକ ସଂସ୍କୃତି ଓ ଶ୍ରୀଜଗନ୍ନାଥ', 'ଓଡ଼ିଆ ଗୀତି କବିତାର ଆଧୁନିକ ପର୍ବ'ର ପ୍ରଥମ ଭାଗ ଓ ଦ୍ୱିତୀୟ ଭାଗ, 'ଉତ୍କଳୀୟ ଭାସ୍କର୍ଯ୍ୟ କଳାକୃତି', 'ଅନୁବାଦରେ ସ୍ୱାମୀ ସ୍ତ୍ରୀ', 'ସଫେଦ ପୃଷ୍ଠା'। ପ୍ରବନ୍ଧ ସଂକଳନରେ 'ଅନ୍ୱେଷାର ଅନ୍ୟ ନାମ', 'ବ୍ରହ୍ମଦାରୁରୁ ଦୁର୍ବାଦଳ', 'ତତ୍ତ୍ୱ ଓ ତଥ୍ୟରେ ଶ୍ରୀଜଗନ୍ନାଥ', 'ଭକ୍ତକବି ସାଲବେଗ', 'ରକ୍ତ ସଂହିତା', 'ଶ୍ରୀଜଗନ୍ନାଥ ଓ ତାଙ୍କର ଅନନ୍ୟ ଭକ୍ତ'। କବିତା ସଂକଳନରେ 'କାହା ପରି କେହି ଜଣେ', 'ମେନକାର ମନ' ଭଳି ପୁସ୍ତକରାଜି ପାଠକଙ୍କ ଶ୍ରଦ୍ଧାଭାଜନ ହୋଇପାରିଛି। ଅଗ୍ରଣୀ ପତ୍ରପତ୍ରିକାମାନଙ୍କରେ ତାଙ୍କର ଶତାଧିକ ଗବେଷଣାଧର୍ମୀ ଆଲେଖ୍ୟ ପ୍ରକାଶିତ । ତନ୍ମଧ୍ୟରୁ କିଛି ସଂକଳିତ ହୋଇ ପୁସ୍ତକ ଆକାରରେ ପ୍ରକାଶିତ ଓ ଆହୁରି ଅନେକ ଆଲେଖ୍ୟ ସଂକଳିତ ହୋଇ ପୁସ୍ତକ ହେବା ଅପେକ୍ଷାରେ। ଜାତୀୟ ସ୍ତରରେ ବିଶ୍ୱ ବିଦ୍ୟାଳୟ ଆୟୋଗର ସହାୟତାରେ ସେ ଆଲୋଚନାଚକ୍ର, କର୍ମଶାଳା ଆୟୋଜନ କରି ନିଜର କାର୍ଯ୍ୟଦକ୍ଷତା ପ୍ରମାଣିତ କରିଛନ୍ତି । ତାଙ୍କ ପ୍ରତିଭା ଓ ସାଧନା









ପାଇଁ ତାଙ୍କୁ ମିଳିଛି ଅପର୍ଯ୍ୟାପ୍ତ ସମ୍ମାନ ଓ ସ୍ୱୀକୃତି । ବିଭିନ୍ନ ବର୍ଷରେ ଶ୍ରେଷ୍ଠ ଅଭିନେତ୍ରୀ ସମ୍ମାନ, ଶ୍ରୀକ୍ଷେତ୍ରଶ୍ରୀ ସମ୍ମାନ, ଶ୍ରେଷ୍ଠ କାହାଣୀକାର ସମ୍ମାନ, ଅନ୍ତର୍ଜାତୀୟ ସତ୍ୟଚେତନା ପୁରସ୍କାର, ଶିକ୍ଷା କ୍ଷେତ୍ରରେ ଅବଦାନ ପାଇଁ ରୋଟାରୀ କ୍ଲବ ତରଫରୁ ପୁରସ୍କାର, ସୁଲେଖା ସାହିତ୍ୟ ସମ୍ମାନ, ଅନ୍ୱେଷିତା ସମ୍ମାନ, ନାଟ୍ୟଭୂଷଣ ପୁରସ୍କାର, ଗୁରୁ ଗୌରବ ସମ୍ମାନ, ଭରଦ୍ୱାଜ ସାହିତ୍ୟ ସମାଲୋଚନା ସମ୍ମାନ, ସାଧୁସେବା ପ୍ରତିଭା ସମ୍ମାନ, ପ୍ରଜ୍ଞାରତ୍ନ ସମ୍ମାନ, ଭୁବନେଶ୍ୱର ପୁସ୍ତକମେଳା ସମ୍ମାନ, ପଞ୍ଚମ ବେଦ ସମ୍ମାନ, ଅର୍କପ୍ରଜ୍ଞା ସମ୍ମାନ, ବିଜୟକୃଷ୍ଣ ସ୍ମୃତି ସମ୍ମାନ ଭଳି ଅନେକ ମାନସମ୍ମାନ ଅର୍ଜନ କରିଥିବା ତୁଳସୀ ଓଝା ଆକ୍ଷରିକ ଭାବରେ ତୁଳସୀ ଭଳି ମହକ ପରିବ୍ୟାପ୍ତ କରୁଥିବା ସତ୍ତା, ଯିଏ ସର୍ଜନାର ସବୁକ୍ଷେତ୍ରରେ ସଭିଙ୍କର ଅତ୍ୟନ୍ତ ପ୍ରିୟ । ପ୍ରକୃତି ତାଙ୍କ ପ୍ରେରଣାର ଉତ୍ସ ବୋଲି ସେ କୁହନ୍ତି । ମନୁଷ୍ୟଠାରୁ କୋଇଲି, ହଳଦୀବସନ୍ତ, ଶୁଆଶାରୀମାନଙ୍କ ଭିଡ଼ ଭିତରେ ସେ ବଡ଼ ହୋଇଛନ୍ତି। ସେମାନେ ତାଙ୍କ ସର୍ଜନ ଦୁନିଆର ପ୍ରେରଣା । କାର୍ତ୍ତିକରେ ପ୍ରଥମ କାକର ପଡିଲେ ଧାନ ଗହିରର ହିଡ଼ ଉପରେ ପଡିଥିବା କାକରରେ ପାଦଚିହ୍ନ ଆଙ୍କିବାର ଯେଉଁ ଆନନ୍ଦ ମିଳେ ତାହା ତାଙ୍କ ପ୍ରେରଣା। ଧାନଫୁଲର ବାସ୍ନା, ଚିହ୍ନାଅଚିହ୍ନା ପକ୍ଷୀଙ୍କ କାକଳି, ଶହ ଶହ ସଂଖ୍ୟାରେ ଏକାଠି ହୋଇ ପୋଖରୀରେ ମାଛ ପହଁରୁଥିବାର ଦୃଶ୍ୟ ତାଙ୍କୁ ଭାବୁକ କରେ, ପ୍ରେରିତ କରେ। ଅଧ୍ୟାପନା ବୃତ୍ତି ଓ ସାହିତ୍ୟିକ ଜୀବନ ସହ ପରିବାରର ଦାୟିତ୍ୱ, ତା'ସହ ଆକାଶବାଣୀର ସଞ୍ଚାଳନା ଓ ଅଭିନୟ ଭଳି କାର୍ଯ୍ୟରେ ସନ୍ତୁଳନ ରକ୍ଷା କରିବା କଷ୍ଟସାଧ୍ୟ ମନେହେଉଥିଲେ ହେଁ ତୁଳସୀ ଓଝା ଈର୍ଷଣୀୟ ଭାବରେ ରଖିପାରୁଥିଲେ। ତାଙ୍କୁ ଅକୁଣ୍ଠ ସହଯୋଗ କରୁଥିଲେ, ଆଜି ବି କରନ୍ତି ତାଙ୍କ ଜୀବନସାଥୀ ପ୍ରଶାନ୍ତ କୁମାର ମହାନ୍ତି । ତେଲୁଗୁ ସାହିତ୍ୟ ପଢି ବୁଝେଇବା, କ୍ୟାମେରାରେ ଗବେଷକ ସ୍ତ୍ରୀଙ୍କ ଚାହିଦା ଅନୁଯାୟୀ ବିଭିନ୍ନ କୋଣରୁ ଫଟୋ ଉଠେଇ ସଜାଡି ରଖିବା, ଲେଖାପଢ଼ା କରୁଥିଲେ ଆଦୌ ବିବ୍ରତ ନ କରାଇ ଘରକାମ ନିଜେ କରେଇନେବାରେ ପ୍ରଶାନ୍ତଙ୍କ ଖୁସି ନିହିତ ଥାଏ। ସୃଜନ କ୍ଷେତ୍ରରେ ସ୍ୱାମୀ ଓ ସ୍ତ୍ରୀ ପରସ୍ପରର ଭଲ ବନ୍ଧୁ ହୋଇପାରିଲେ ସ୍ୱର୍ଗ ସମାନ ହୋଇଯାଏ ପରିବାର ବୋଲି ସେ କୁହନ୍ତି । ସେଭଳି ଏକ ସ୍ୱର୍ଗର ସେ ଅଧିବାସୀ ବୋଲି ସେ ନିଜ ପତି ପ୍ରଶାନ୍ତଙ୍କୁ ଶ୍ରେୟ ଦିଅନ୍ତି । ପ୍ରତ୍ନତାତ୍ତ୍ୱିକ ତଥ୍ୟ ସଂଗ୍ରହ ଏବଂ ତାକୁ ନେଇ ଯେଉଁ କାର୍ଯ୍ୟାନୁଭୂତି ଆହରଣ କରିଛନ୍ତି ତୁଳସୀ ଓଝା ସେସବୁ ବିରାଟ କାହାଣୀର କଥା କହେ। 'ଏମିତି ଅଧ୍ୟୟନ ପାଇଁ ଆଗ୍ରହ କେମିତି'ର କାହାଣୀ ବି ରୋଚକ। ତୁଳସୀ ଓଝାଙ୍କ ପୂର୍ବପୁରୁଷମାନେ କୋଣାର୍କ, ଭୁବନେଶ୍ୱର ଆଦି ମନ୍ଦିର ଗଢିଥିଲେ । ଘରେ ସେହି ସମ୍ପର୍କିତ ବହୁତ ପୋଥି ପୁରାଣ ଥିଲା ତାଙ୍କର । ନଦୀୟା ନବଦ୍ୱୀପରେ ମଠ, ମନ୍ଦିର ତିଆରି କରିଥିଲେ ତାଙ୍କ ବଡବାପା । ପିଲାଦିନେ ସେସବୁ ଦେଖିଥିଲେ ହେଁ ସେ ଭିତରେ ପଶିବାର ଯୋଗ୍ୟତା ତାଙ୍କର ନ ଥିଲା । ଥରେ ବାଙ୍ଗାଲୁରୁରେ ରହିବା ଭିତରେ ଓଡ଼ିଶାର ମନ୍ଦିର କଳା ଉପରେ କେତେ ଖଣ୍ଡ ଇଂରାଜୀରେ ଲେଖାଥିବା ବହି ସେଠାକାର ଲାଇବ୍ରେରୀରେ ଦେଖି ସେହିଭଳି ବହି ଓଡ଼ିଶାରେ ନ ଥିବାର ଚିନ୍ତା କରି ତୁଳସୀ ଘରେ ଯାହାସବୁ ପୋଥିପତ୍ର ଥିଲା ସେସବୁକୁ ପଢି ଆରମ୍ଭ କରିଥିଲେ ଗବେଷଣାର ଲେଖା । ଭାସ୍କର୍ଯ୍ୟ କଳା ଉପରେ ଯେତେ ସବୁ ବହି ଲେଖାଯାଇଛି ତାକୁ ଖୋଜି ଖୋଜି ଆଣି ପଢ଼ିଲେ । ପୂର୍ବରୁ ପଟ୍ଟଚିତ୍ର ଉପରେ ବହି ଲେଖିଥିବାରୁ ତାଙ୍କୁ ବେଶି କଷ୍ଟ ହେଲାନି । ପାଞ୍ଚ ବର୍ଷ କେବଳ ପଢ଼ିଲେ । ତିନି ବର୍ଷ ସ୍ୱାମୀଙ୍କ ସହ ବୁଲି ବୁଲି ମନ୍ଦିରର କଳା ଓ ଭାସ୍କର୍ଯ୍ୟକୁ ଅନୁଧ୍ୟାନ କଲେ । ଏକନିଷ୍ଠ ଆଗ୍ରହ ଓ ଅଧ୍ୟୟନ ତାଙ୍କୁ ଉତ୍କଳୀୟ ଭାସ୍କର୍ଯ୍ୟ କଳା ଉପରେ ବହି ଲେଖିବାକୁ ସାମର୍ଥ୍ୟ ଦେଲା ବୋଲି ସେ କୁହନ୍ତି। ଅକ୍ଷୟ ମହାନ୍ତି, ହେମନ୍ତ ଦାସ, ସାମୁଏଲ ସାହୁଙ୍କ ଭଳି ବିଶିଷ୍ଟ କଳାକାରଙ୍କ ଆଦରର ତୁଳସୀ ଥିଲେ ସେ । ସାଙ୍ଗସାଥୀମାନେ ତାଙ୍କୁ ସେ ଅଭିନୟ କରିଥିବା ଲୋକପ୍ରିୟ ନାଟକର ଚରିତ୍ର ନାଁରେ ଡାକନ୍ତି । ନିପୁଣ ଥିଲେ ଅଭିନୟ, ସଂଯୋଜନା ଓ ସଞ୍ଚାଳନାରେ। ଆଖି, କାନ ଓ ମନ ଖୋଲା ରଖୁଥିଲେ, ଆଜି ବି ରଖିଛନ୍ତି ଶିଖିବାକୁ, ଜାଣିବାକୁ ନୂଆ କିଛି କରି ଦେଖେଇବାକୁ । କେବଳ ସଫଳ ନୁହେଁ ଅଧିକନ୍ତୁ ପରିପୂର୍ଣ୍ଣ ଅଟନ୍ତି ସେ । ସତସତିକା ତୁଳସୀ ଥିଲେ ସେ, ଆରମ୍ଭରୁ ଦୁଇପତ୍ରରୁ ମହମହ ବାସୁଥିଲେ । ଗହଳିଠାରୁ ଦୂରରେ ଥାଇ ଏବେ ବି ଡକ୍ଟର ତୁଳସୀ ଓଝା ତାଙ୍କର ସାହିତ୍ୟ ସାଧନା ଜାରି ରଖିଛନ୍ତି । ଜଗନ୍ନାଥଙ୍କ ପ୍ରତି ଅନୁରକ୍ତ ହୋଇ ଉତ୍ତର ବୟସ ଅତିବାହିତ କଲାବେଳେ ଏବେ ବି ସେ ଭୁଲି ନାହାନ୍ତି ତାଙ୍କର ସାହିତ୍ୟ ଅନୁରାଗୀ ବନ୍ଧୁମାନଙ୍କୁ ।

-ମାନମୟୀ ରଥ
ସେଣ୍ଟଜାଭିୟର୍ସ କିତ୍ସ, ବାଲିପୁଟ, ପୁରୀ
ମୋ:୭୯୭୮୫୭୯୩୯୯







# ସମୟର ଚତୁରୀ

**ମୂଳଲେଖା-ବିତସ୍ତା ଘୋଷାଲ**
**ଅନୁବାଦ-ଶ୍ରେୟା ହାଲଦାର**

ଦିନେ ସମୟ ଥିଲା,
ଯେତେବେଳେ ପୂର୍ବ ଦିଗକୁ ମୁହଁ କରି ବସି ରହିଥିଲି
ଆଲୋକ ଆସିବ ବୋଲି।
ଦ୍ରାଘିମା, ଅକ୍ଷାଂଶ, ବିଷୁବ ରେଖାର ଅବସ୍ଥାନ
ସେତେବେଳେ ବି ଅଜଣା।
ଭାବୁଥିଲି-- ପୂର୍ବ ଦିଗରୁ କାହିଁକି ସୂର୍ଯ୍ୟୋଦୟ ?
କାହିଁକି ପଶ୍ଚିମରୁ ଆସେ ଅନ୍ଧାର ?

ଦିନେ ସମୟ ଥିଲା,
ସୂର୍ଯ୍ୟ ସ୍ତବ କରୁଥିଲା ବୋଉ,
ଶୁଣୁଥିଲି ଗୋଟିଏ ଶ୍ଳୋକ,
ପ୍ରତ୍ୟେକ ଶବ୍ଦ ସ୍ପର୍ଶ କରୁଥିଲା ମନକୁ।

ଦିନେ ସମୟ ଥିଲା,
ସମୁଦ୍ରର ଲହରୀର ଶବ୍ଦ ଶୁଣୁଥିଲି।
ଦିନେ ସମୟ ଥିଲା
ନିଜକୁ ଆବିଷ୍କାର କରିବା ନିଶାରେ
ପଥକୁ ଓହ୍ଲାଇ ଆସିଥିଲି।

ବୁଝିନଥିଲି ଏହା-ସବୁ ହିଁ ସମୟର ଚତୁରୀ।
ଆସିବା-ଯିବା ସବୁ
ଆମେ କେବଳ ସୂର୍ଯ୍ୟଙ୍କ ଅଭିମୁଖେ ଚାଲି ପାରୁ।
ପହଞ୍ଚୁ ପହଞ୍ଚୁ ଚୌରାଶି ଲକ୍ଷ ଯୋନି ପାର ହେଇ ଯାଏ।

*-କୋଲକାତା, ମୋ: ୯୨୩୧୩୩୬୭୫୧*

# ନୂଆ ବର୍ଷ

**-ବନ୍ଦିତା ଦାଶ**

ଅନେକ ଆଶାର ଆକାଶ
ସ୍ମୃତିର ବଗିଚାରେ କେତେ ଫୁଲ
କେତେ ପ୍ରଜାପତି
ଅସମ୍ଭବ ଖିଆଲି ମନ
ଖୋଜୁଥାଏ ଶାନ୍ତି
ଏବେ ଦେଖ
ବହୁବର୍ଣ୍ଣା ପୃଥିବୀ
ଶ୍ୱେତ ସମ୍ଭାବନା ବର୍ଷିଯାଉ ସବୁଠି।

*-କାଂଶବାହଲ*
*ମୋ:୮୦୧୮୦୯୮୯୨୮*

# ହସ

**-ଲୋପାମୁଦ୍ରା ପରିଡ଼ା**



ଏଗାର ବର୍ଷର ବୈବାହିକ ଜୀବନ। ଦିନଟେ ରୁମାଲ ଖଣ୍ଡେ ଯାଚି ନ ଥିବା ଶାଶୁ ଆଜି ସକାଳୁ ବଡ଼ କୋମଳ କଣ୍ଠରେ ଡାକି ପାଖରେ ବସେଇଲେ। ଡର ସହ ଆଶ୍ଚର୍ଯ୍ୟ ମିଶେଇ ବସିଥାଏ ଦ୍ରାକ୍ଷା। କେବେ ତ ଏମିତି ହୋଇନି। ଏହାର ବିପରୀତ କଥାତକ ଘଟୁଥାଏ ଦିନକ ଦିନଚର୍ଯ୍ୟା ଭିତରେ ଦୁଇଶହ ଥର। ଗଡ୍ରେଜ ଆଲମାରିର ଦୁଇ ଯାଆଁଳା କବାଟ ଭିତରେ ଥା'ନ୍ତି ଶାଶୁ। କ'ଣ କରୁଛନ୍ତି ପଚାରିବାର ଯୁ ନାହିଁ। ଅପେକ୍ଷାର ଅନ୍ତ ଘଟେଇ ଥାକେ ଶାଢ଼ି ଧରି ଦ୍ରାକ୍ଷା ଆଗରେ ବସିପଡ଼ିଲେ ହସହସ ମୁଖଧାରିଣୀ ଶାଶୁ ତା'ର। ଦ୍ରାକ୍ଷା କାବା। ମନେ ମନେ ଭାବୁଥାଏ, ''ଯାଙ୍କ ଦେହପା' ଠିକ୍ ଅଛି ତ ?''

ନିର୍ମଳା ଦେବୀ ଦ୍ରାକ୍ଷା ହାତରେ ଥାକେ ସୁନ୍ଦର ସୁନ୍ଦର ଶାଢ଼ି ଧରେଇ ଦେଇ ହସିଦେଇ କହିଲେ, 'ନେ ପିନ୍ଧିବୁ।' ଏମିତି ନୁହେଁ ଯେ ଦ୍ରାକ୍ଷାକୁ କେବେ ମନ ହୋଇନି ଦେଖିବାକୁ ତା'ର ଶାଶୁଙ୍କ ପାଖରେ କେତେ ସୁନ୍ଦର ଶାଢ଼ି ସବୁ ଅଛି। ସିଏ ବି ଭାବିଛି କେବେ ଥରେ ଅଧେ ପିନ୍ଧିହୁଅନ୍ତାନି ସେ ଶାଢ଼ି ସମୂହରୁ ନିଜ ମନ ମୁତାବକ କିଛି, ଯେମିତି ତା' ବୋଉର ଲୁଗା ପିନ୍ଧିହୁଏ। ହେଲେ ଆଜି! ଆଜି ତ ପୃଥିବୀ ବାହାର କଥା ଘଟୁଥିଲା। ଯାଚିକି ଶାଶୁ ନିଜେ, ପୁଣି ଗୋଟେ ଦି'ଟା ନୁହେଁ, ଥାକେ ଶାଢ଼ି ?

ସିଏ ପେଟେ ଖୁସି ହୋଇ ସବୁ ନେଲା ଆଉ ଆଇନା ଆଗରେ ନିଜ ଦେହରେ ଗୋଟିଏ ପରେ ଆଉ ଗୋଟେ ପକେଇ ନିଜକୁ ଦେଖିବାକୁ ଲାଗିଲା। ତାକୁ ଆଜି ଶାଶୁଙ୍କୁ ପ୍ରକୃତରେ 'ବୋଉ,ବୋଉ' ପରି ହୃଦୟରୁ ଲାଗୁଥିଲା।

ତା'ର ଆଠଦିନେ ଦ୍ରାକ୍ଷା ସ୍ୱାମୀଙ୍କ ସହ ତା'ର ବାପାଙ୍କ ଘରକୁ ଯାଇଥାଏ। ତା'ର ଗୋଟିଏ ବାହାଘରକୁ ଯିବାର ଥାଏ, ତେଣୁ ସିଏ ଆଟାଚି ଅଣ୍ଡାଳୁ ଥାଏ କୋଉ ଶାଢ଼ିଟି ପିନ୍ଧିକି ଗଲେ ସୁନ୍ଦର ହେବ। ନନା ତା'ର କହୁଥାନ୍ତି, ''ମାଆରେ ନେ,ଏଇ ମୋ ପଇତାରୁ କଞ୍ଚିଟା ନେ। ବୋଉ ବାକ୍ସରୁ ନେଇକି ପିନ୍ଧ। ତୋରି ପାଇଁ ତ ସବୁ ରଖି ଯାଇଛି। ଆଉ କିଏ ପିନ୍ଧିବରେ ସେ ସେସବୁ ? ନେ , ଆ।'' ମୋ ଆଖି ଆଗରେ ସୂତା ଲୁଗାଟେରେ ଲୋଟଣିପାରା ପରି ଦିନରାତି ଏକ କରି କାମ କରୁଥିବା ମୋ ବୋଉର ହସହସ ଚେହେରାଟି ପହଁରିଗଲା ଶୂନ୍ୟରୁ।


ସାକେତ ଲ୍ୟାପଟପ ଭିତରୁ ମୁହଁ ନ ଉଠେଇ ଏକରକମ ନନାଙ୍କୁ ଶୁଣାଗଲା ପରି କହିଲେ, ''କାହିଁକି, ଏବେ ବା ବୋଉ ତମକୁ ଥାକେ ଶାଢ଼ି ଦେଇଥିଲା। ଯେତେ ଥିଲେ ବି ଏ ଝିଅମାନଙ୍କୁ ପିନ୍ଧିବାକୁ ଖଣ୍ଡେ ଖୋଜାପଡୁଥାଏ।'' ହସୁଥିଲେ ସାକେତ। ହସରେ ତାଚ୍ଛଲ୍ୟର ସ୍ପଷ୍ଟ ଛିଟା। ମୋ ମନ ଛଟପଟ। ଝିଅଟେକୁ ଟାଣକଥା ଟିପେ ବିଷ ପରି ଲାଗେ। ସ୍ନେହରେ ''ବିଷ ପି'ଦେ।'' କହିଲେ ଖୁସିରେ ରାଜି ହୋଇଯାଉଥିବା ଝିଅମାନେ କଥାର ବିଷକୁ ସହ୍ୟ କରିପାରନ୍ତି ନାହିଁ ସାଧାରଣତଃ।

ଦ୍ରାକ୍ଷାର ମନେପଡ଼ିଗଲା, ଶାଶୁ ଶାଢ଼ି ଦେବାଦିନର ସଞ୍ଜ ସମୟର କଥା। ସିଏ ଅଗଣା ଚଉଁରାରେ ଦୀପ ରଖି ଶାଶୁଙ୍କୁ ପ୍ରଣାମ କରିବାକୁ ଶିଡ଼ି ଚଢ଼ି ଯାଉଥିଲା କି ମଝି ପାହାଚରେ ତା' କାନରେ ପଡ଼ିଲା, ''ତୁ ତ ନେଲୁନି ସେ ସବୁ। କହିଲୁ କାମବାଲି କି ଦେଇଦେ। ଆଜିକାଲିକା କାମବାଲି ପୁଣି ପିନ୍ଧାପୁରୁଣା,ବିଁଫଟା ଲୁଗା ନେବେ ? ଛାଡ଼ ଛାଡ଼। ସଫା, ମଣ୍ଡ, ଆଇରନ କରି ଥୁଆହୋଇଥିଲା ବୋଲି ନୂଆ ନୂଆ ଲାଗୁଥିଲା। ସେ କାବାଡ଼ି ବଡ଼ ଖୁସିରେ ସବୁ ନେଇଗଲା।'' ହସରେ ଫାଟିପଡୁଥିଲା ଉପରଘର ଛାତ।

ହସରେ କୁତ୍ସିତ ଷଡ଼ଯନ୍ତ୍ର। କଣ୍ଟାବାଣ ଫୁଟିଗଲା ପରି। ସାକେତଙ୍କୁ ଏସବୁ କହିବାରେ ମୂଲ୍ୟ ବା କ'ଣ ଥାଇପାରେ! ତେଣୁ ସେ କିଛି କହିଲାନି। ଆଟାଚି ଜିପର୍ ଲକ୍ କରି ଉଠିଗଲା ଦ୍ରାକ୍ଷା। ନନା ଦଉଡ଼ିଆ ଖଟଟିରେ ଖରା ପିଠିଆ ହୋଇ ବସିଥିଲେ। ଆକାଶର କି ମାଟିର କାହାର ସାହସ ନ ଥିଲା ତାଙ୍କଠୁ ଟଳେ ଟଳେ ଦୁଃଖ ବାଣ୍ଟିନବାକୁ। ତାଙ୍କ ପିଠିରେ ଗେହ୍ଲେଇ ଲାଉ ହୋଇପଡ଼ି ହଠାତ୍ ଶିଶୁପାଲଟା ଦ୍ରାକ୍ଷାଟି କହିଲା, 'ନନା, ଚାବିକାଠି ଦବ ପରା ...... ?' ନନାଙ୍କ ଆଖିରେ ଉଇଁ ଆସିଲା ହସଟେ,
ଯାହାର ତୁଳନା କାହିଁ!

*-ପାନାଥୁର, ବାଙ୍ଗାଲୋର*
*ମୋ: ୯୭୩୧୦୫୭୦୧୪*





# ସବୁ ଗୁଜବ



ଜାହ୍ନବୀ

ବୋନି ତନୟା ଜାହ୍ନବୀ ଏବେ ଟିକେ ଅଡୁଆରେ ପଡିଯାଇଛନ୍ତି। କଥା କ'ଣ କି ଏକ ଆଇଟମ୍ ଗୀତରେ ଅଭିନୟକୁ ନେଇ ଆଲୋଚନାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି ସେ। ନିଜର ବିଜି ସିଡ୍ୟୁଲ ଭିତରେ ଜଣେ ନବାଗତ ପ୍ରଯୋଜକ ତାଙ୍କର ନୂଆ ସିନେମାରେ ଏକ ଆଇଟମ ନମ୍ବରରେ ନାଚିବାକୁ ତାଙ୍କୁ ଅଫର ଦେଇଛନ୍ତି। ଯଦିଓ ଏ ନେଇ ଜାହ୍ନବୀ କପୁର କୌଣସି ଫାଇନାଲ ନିଷ୍ପତ୍ତି ନେଇନାହାନ୍ତି, ହେଲେ ଏଥିଲାଗି ସେ କୁଆଡେ ମୋଟା ଅଙ୍କର ପାରିଶ୍ରମିକ ଦାବି କରୁଛନ୍ତି ବୋଲି ଆଲୋଚନା ହେଉଛି। ଏକଥା ଜାଣିବା ପରେ ଶେଷରେ ମୁହଁ ଖୋଲିଛନ୍ତି ସେ। ''ସତ କଥା କହିବାକୁ ଗଲେ, ମୋତେ ନେଇ ଯାହା କିଛି ଆଲୋଚନା ହେଉଛି ତା'ପଛରେ ସତ୍ୟତା ନାହିଁ। ଅବଶ୍ୟ ଏକଥା ସତ ଯେ ଏକ ନୂଆ ସିନେମାରେ ଆଇଟମ ନମ୍ବର ପାଇଁ ମୋତେ ଅଫର ମିଳିଛି। କିନ୍ତୁ ଏହି ବିଷୟ କେବଳ କଥାବାର୍ତ୍ତାରେ ସୀମିତ ଅଛି। ଏଥିଲାଗି ମୁଁ ମୋଟା ଅଙ୍କର ରେମ୍ୟୁନିରେଶନ୍ ଚାହୁଁଛି ବୋଲି ଯାହା ଶୁଣାଯାଉଛି ତାହା ସମ୍ପୂର୍ଣ୍ଣ ଭୁଲ। ଏକଥାକୁ କେହି ବିଶ୍ୱାସ କରନ୍ତୁ ନାହିଁ।' ଚଳିତ ବର୍ଷ ତାଙ୍କ ଅଭିନୀତ ତିନୋଟି ସିନେମା ରିଲିଜ ହେବାକୁ ଯାଉଛି। ସେଗୁଡିକ ହେଲା 'ଉଲଝ', 'ମିଷ୍ଟର ଆଣ୍ଡ ମିସେସ ମାହି' ଏବଂ 'ଦିବାରା'। ତେବେ ଏହି ଫିଲ୍ମଗୁଡିକରେ ଜାହ୍ନବୀ କି କମାଲ କରିଛନ୍ତି ତାହା ରିଲିଜ ପରେ ହିଁ ଜଣାପଡିବ।

# ଖୁସି ରହସ୍ୟ

ରକୁଲ୍ ପ୍ରୀତ ସିଂ ଏବେ ଖୁସିରେ ଉଚ୍ଛୁଳୁଛନ୍ତି। କାରଣ କ'ଣ ଜାଣନ୍ତି ? ଆସନ୍ତା ମାସରେ ସେ ଘର ସଂସାର କରିବାକୁ ଯାଉଛନ୍ତି। ଦୀର୍ଘଦିନର ପ୍ରେମିକ ତଥା ପ୍ରଯୋଜକ ବାସୁ ଭଗନାନୀଙ୍କ ପୁଅ ଜ୍ୟାକିଙ୍କ ସହ ସେ ବିବାହ ବନ୍ଧନରେ ଆବଦ୍ଧ ହେବାକୁ ଯାଉଛନ୍ତି। ଆସନ୍ତା ମାସରେ ଦୁହିଁଙ୍କ ମ୍ୟାରେଜ ହେବାକୁ ଯାଉଛି ବୋଲି ସୂଚନା ଦେଇଛନ୍ତି ରକୁଲ। ଏହି ହାଇଭୋଲଟେଜ ବାହାଘର ଗୋଆରେ ହେବ। କିନ୍ତୁ ଶୁଭ ଦିନଟି ଫାଇନାଲ ହୋଇନାହିଁ। ଏ ନେଇ ରକୁଲ୍ କହନ୍ତି, 'ଯାହା ହେଉ ମୋର ଆଶା ପୂରଣ ହୋଇଛି। ଯାହାଙ୍କ ସହ ଘର ସଂସାର କରିବି ବୋଲି ସ୍ୱପ୍ନ ଦେଖୁଥିଲି ତାହା ସତରେ ପରିଣତ ହେବାକୁ ଯାଉଛି। ମ୍ୟାରେଜ ପରେ ଅଭିନୟ କରିବି କି ନାହିଁ ତାହା ପରେ ନିଷ୍ପତ୍ତି ନେବି। ଏବେଠାରୁ ସେ ନେଇ ସୂଚନା ଦେବା ଠିକ୍ ହେବ ନାହିଁ।' ଗତ କିଛି ବର୍ଷ ହେବ ରକୁଲ୍-ଜ୍ୟାକିଙ୍କ ଆଫେୟାର୍ସ ଚାଲିଥିଲା। ଶେଷରେ ୨୦୨୧ରେ ଦୁହେଁ ନିଜର ସୋସିଆଲ ମିଡିଆରେ ଏହାକୁ ସ୍ୱୀକାର କରିଥିଲେ। ଆଉ ଶେଷରେ ଏହି ପ୍ରେମୀ ଯୁଗଳ ବିବାହ ବନ୍ଧନରେ ଆବଦ୍ଧ ହେବାକୁ ଯାଉଛନ୍ତି। ରକୁଲ୍‌ଙ୍କ ଜନ୍ମଦିନ ଅବସରରେ ଜ୍ୟାକି ତାଙ୍କର ଫଟୋ ପୋଷ୍ଟ କରି ଏ ବିଷୟରେ ସୂଚନା ଦେଇଥିଲେ। ରକୁଲ୍‌ଙ୍କୁ ପ୍ରଥମେ କନ୍ନଡ ଫିଲ୍ମ 'ଗିଲି'ରେ ବ୍ରେକ୍ ମିଳିଥିଲା। ତା'ପରେ କେତୋଟି ତାମିଲ ଏବଂ ତେଲୁଗୁ ଫିଲ୍ମରେ ଅଭିନୟ କରିବା ପରେ ୨୦୧୩ରେ 'ୟାରିୟାଁ'ରୁ ସେ ବଲିଉଡ୍ ଯାତ୍ରା ଆରମ୍ଭ କରିଥିଲେ।



ରକୁଲ୍

# ଭଗିଆ ଭାରିଯା



'ଭଗିଆ ଭାରିଯା' ଫିଲ୍ମରେ ଦେବଜାନୀ-ହରି

ଆଜିକାଲି ରିଲ୍ ବନେଇବା ଏବଂ ତାହାକୁ ସୋସିଆଲ ମିଡିଆରେ ପୋଷ୍ଟ କରିବା ଏକ ଫ୍ୟାଶନ ପାଲଟି ଗଲାଣି। ପିଲାଙ୍କଠାରୁ ଆରମ୍ଭ କରି ବୟସ୍କ ପର୍ଯ୍ୟନ୍ତ ସମସ୍ତେ ଏହାର ମାୟାରେ ବାୟା। ତେବେ କେହି କେହି ଏହା ମାଧ୍ୟମରେ ଭଲ ମ୍ୟାସେଜ ମଧ୍ୟ ଦେଉଛନ୍ତି। ସେହିପରି ଏକ ନିପଟ ମଫସଲରେ ରହୁଥିବା ଭଗିଆର ଭାରିଯାକୁ ଏହି ନିଶା ଘାରିଛି। ରିଲ୍ ତିଆରି କରି ତା' ମାଧ୍ୟମରେ ନିଜ ପରିଚୟ ସୃଷ୍ଟି କରିବା ସହ ଏକ ଲକ୍ଷ୍ୟ ରଖିଛି। ସେହି ଲକ୍ଷ୍ୟ କ'ଣ ଆଉ ତାହା ପୂରଣ ହେଉଛି କି ନାହିଁ ତାହାର ଉତ୍ତର ସିନେମାରେ ପାଇବେ। ହଁ, ନିର୍ମାଣାଧୀନ ଏହି ସିନେମାର ଟାଇଟଲ ରହିଛି 'ଭଗିଆ ଭାରିଯା'। ହରିବୋଲ ମିଡିଆ ଏଣ୍ଟରଟେନମେଣ୍ଟ ପ୍ରା.ଲି. ବ୍ୟାନରରେ ଏହାର ଶୁଟିଂ ଚାଲୁ ରହିଛି। ଚିତ୍ରଟିର କାହାଣୀ, ଚିତ୍ରନାଟ୍ୟ ଏବଂ ସଂଳାପ ରଚନା କରିଛନ୍ତି ଅନ୍ୟତମ ଲୋକପ୍ରିୟ ହାସ୍ୟାଭିନେତା ହରିହର ମହାପାତ୍ର ଓରଫ ହରି ଭାଇ। ଏ ନେଇ ସେ କହନ୍ତି, 'କମେଡି ଅଭିନୟର ଏକ ପ୍ରମୁଖ ଅଙ୍ଗ। କିନ୍ତୁ ଏଭଳି କିଛି ପାରିବାରିକ କାହାଣୀ ଅଛି ଯାହାକୁ ନେଇ ସମାଜକୁ ଅନେକ ବାର୍ତ୍ତା ଦିଆଯାଇପାରିବ। 'ଭଗିଆ ଭାରିଯା' ଏକ ଭିନ୍ନ ଧରଣର କାହାଣୀକୁ ନେଇ ପ୍ରସ୍ତୁତ ହେଉଛି। ଏଥିରେ ଅନେକ କିଛି ଶିକ୍ଷଣୀୟ କଥା ଭରି ରହିଛି।' ଡ. ଭୀଷ୍ମ ରଥ ଏବଂ ହରିହର ମହାପାତ୍ରଙ୍କ ପ୍ରଯୋଜିତ ଏହି ଫିଲ୍ମଟିର ନିର୍ଦ୍ଦେଶନା ଦେଉଛନ୍ତି ମୃତ୍ୟୁଞ୍ଜୟ ସାହୁ (ବାପି)। ଖାସ୍ କଥା ହେଲା, ହରି ଏହାର ନାୟକ ସାଜିଥିବା ବେଳେ ଟାଇଟଲ ଭୂମିକାରେ ଅଭିନୟ କରୁଛନ୍ତି ଦେବଜାନୀ। ସିନେମାଟୋଗ୍ରାଫି ଦାୟିତ୍ୱ ତୁଲାଉଛନ୍ତି ମୁମ୍ବାଇରେ ରହୁଥିବା ଓଡ଼ିଆ କ୍ୟାମେରାମ୍ୟାନ୍ ମାନସ ମିଶ୍ର। ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ମଳୟ ମିଶ୍ର। ହରି ଏବଂ ଦେବଜାନୀଙ୍କ ବ୍ୟତୀତ ଏହାର ବିଭିନ୍ନ ଭୂମିକାରେ ବବି ମିଶ୍ର ଏବଂ ପୁପିନ୍ଦର ମଧ୍ୟ ଅଭିନୟ କରିଛନ୍ତି।

# ବିଜୟଙ୍କ ପ୍ରଶଂସାରେ କ୍ୟାଟ୍ରିନା

ଦକ୍ଷିଣ ଭାରତୀୟ ସିନେମାର ଅନ୍ୟତମ ପରିଚିତ ଅଭିନେତା ହେଉଛନ୍ତି ବିଜୟ ସେତୁପତି। ବର୍ତ୍ତମାନ ସେ ଅଭିନୟ କରିଥିବା 'ମେରି ଖ୍ରୀଷ୍ଟମାସ' ପରଦା ଉପରକୁ ଆସିଛି। ଏହି ଫିଲ୍ମରେ ତାଙ୍କର ନାୟିକା ସାଜିଛନ୍ତି କ୍ୟାଟ୍ରିନା କୈଫ। ନିକଟରେ ଏହାର ପ୍ରମୋ ସମୟରେ ବିଜୟଙ୍କୁ ଭୂରି ଭୂରି ପ୍ରଶଂସା କରିବାକୁ ଭୁଲି ନ ଥିଲେ ସେ। ଏ ସମ୍ପର୍କରେ କ୍ୟାଟ୍ରିନା କହନ୍ତି, 'ବିଜୟଙ୍କ ଭଳି ଜଣେ ଷ୍ଟାରଙ୍କ ସହ ଅଭିନୟ କରିବାର ସୁଯୋଗ ଭାଗ୍ୟରେ ଥିଲେ ମିଳେ। ବିଶେଷଭାବରେ ତାଙ୍କର ଶାନ୍ତ ନେଚର ମୋତେ ବେଶୀ ପ୍ରଭାବିତ କରିଛି। ଶୁଟିଂ ସମୟରେ ସେ କାହା ସହ ଅଯଥାରେ ଗପନ୍ତି ନାହିଁ। ଯଦି କାହାର କେଉଁଠି ଦୋଷ ତ୍ରୁଟି ଦେଖନ୍ତି ତେବେ ତାହାକୁ ସୁଧାରିବାକୁ ପରାମର୍ଶ ଦେଇଥାଆନ୍ତି। ଏହି ଫିଲ୍ମରେ ତାଙ୍କ ସହ ଆକ୍ଟିଂ କରି ମୁଁ ଅନେକ କଥା ଶିଖିପାରିଛି। ମୋଟ ଉପରେ ଏ ନେଇ ତାଙ୍କୁ ମୁଁ ଯେତେ ପ୍ରଶଂସା କରିବି ତାହା କମ୍ ହେବ।' 'ମେରି ଖ୍ରୀଷ୍ଟମାସ' ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ଶ୍ରୀରାମ ରାଘବନ। ଏଥିରେ ନିଜ ଭୂମିକାର ସଫଳତାକୁ ନେଇ ଢ଼େର ଆଶା ରଖିଛନ୍ତି କ୍ୟାଟ୍ରିନା। ସୂଚନାଯୋଗ୍ୟ ଏହାପୂର୍ବରୁ ସଲମାନ-କ୍ୟାଟ୍ରିନାଙ୍କୁ ନେଇ ପ୍ରସ୍ତୁତ ତଥା ଗତ ବର୍ଷ ଡିସେମ୍ବରରେ ରିଲିଜ ହୋଇଥିବା 'ଟାଇଗର-୩' ବକ୍ସ ଅଫିସରେ ଭଲ ବିଜନେସ କରିଥିଲା।



କ୍ୟାଟ୍ରିନା

# କଥା ବାର ବର୍ଷର..

ସିଦ୍ଧାର୍ଥ ମାଲହୋତ୍ରା ବଲିଉଡ୍‌ରେ ନିଜର ଯାତ୍ରା ଆରମ୍ଭ କରିଥିଲେ ୨୦୧୨ରୁ ଆଉ ଫିଲ୍ମଟି ଥିଲା କରନ୍ ଜୋହରଙ୍କର 'ଷ୍ଟୁଡେଣ୍ଟ ଅଫ ଦ ଇୟର'। କିନ୍ତୁ ଏହା ପୂର୍ବରୁ ସେ ଜଣେ ସହ-ନିର୍ଦ୍ଦେଶକ ଭାବରେ କାମ କରିଥିଲେ। ଫିଲ୍ମଟି ଥିଲା 'ମାଇଁ ନେମ୍ ଇଜ୍ ଖାଁ'। ଏଥିରେ ସିଦ୍ଧାର୍ଥଙ୍କ ଭିତରେ ଅଭିନୟ ଦକ୍ଷତାକୁ ଦେଖିବାକୁ ପାଇଥିଲେ କରନ୍। ଆଉ ତା'ପରେ ଯାହା ଘଟିଲା ସେ ବିଷୟରେ ସେ କହନ୍ତି, '୧୨ ବର୍ଷ ପୂର୍ବେ 'ମାଇଁ ନେମ୍ ଇଜ୍ ଖାଁ' ଶୁଟିଂ ସମୟରେ ଏକଦା କରନ୍ ମୋତେ ଅଭିନୟ କରିବାକୁ ପ୍ରସ୍ତାବ ଦେଇଥିଲେ। କିନ୍ତୁ ମୁଁ କିଛି ଉତ୍ତର ଦେଇନ ଥିଲି। ହେଲେ ସେ ଯେ ମୋତେ 'ଷ୍ଟୁଡେଣ୍ଟ ଅଫ ଦ ଇୟର'ରେ ବ୍ରେକ୍ ଦେବେ ତାହା କେବେ କଳ୍ପନା କରି ନ ଥିଲି। ଯେତେବେଳେ ମୋତେ ଅଫରଟି ମିଳିଲା ସେତେବେଳେ ମୁଁ ଖୁସିରେ ଆତ୍ମହରା ହୋଇ ଯାଇଥିଲି। କାରଣ କରନ୍‌ଙ୍କ ପରି ନାମୀ ପ୍ରଯୋଜକଙ୍କ ଫିଲ୍ମରେ ଅଭିନୟ କରିବା ମୋ ପାଇଁ ଭାଗ୍ୟର କଥା ଥିଲା। ଆଉ ଏଇ ବିଗ୍ ବ୍ରେକ୍ ଲାଗି ପରବର୍ତ୍ତୀ ସମୟରେ ମୁଁ ବଡ଼ ବଡ଼ ବ୍ୟାନରର ଫିଲ୍ମରେ ସୁଯୋଗ ପାଇଲି। ତା'ସହ ପରିଣିତୀ ଚୋପ୍ରା, ଶ୍ରଦ୍ଧା କପୁର, କ୍ୟାଟ୍ରିନା କୈଫ ଏବଂ ଆଲିଆ ଭଟ୍ଟଙ୍କ ପରି ଅଭିନେତ୍ରୀଙ୍କ ସହ ଆକ୍ଟିଂ କଲି। ମୋ ଅଭିନୟକୁ ଦର୍ଶକ ଗ୍ରହଣ କରିଛନ୍ତି ତାହା ମୋ ପାଇଁ ବଡ କଥା।' ସିଦ୍ଧାର୍ଥଙ୍କ ରୋଲ୍ ମଡେଲ ହେଉଛନ୍ତି ଶାହରୁଖ ଖାଁ। ସିଦ୍ଧାର୍ଥ ଯେ କେବଳ ଜଣେ ଅଭିନେତା ତା' ନୁହେଁ, ସେ ଜଣେ ରଗ୍‌ବୀ ଖେଳାଳି ମଧ୍ୟ। ଚଳିତ ବର୍ଷ ସେ ଅଭିନୟ କରିଥିବା 'ୟୋଦ୍ଧା' ରିଲିଜ ହେବାକୁ ଯାଉଛି।



ସିଦ୍ଧାର୍ଥ

## ପ୍ରଥମ ରୋଜଗାର



ସାହିତ୍ୟିକ ତଥା ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ପ୍ରଦ୍ୟୁମ୍ନ ପଟ୍ଟନାୟକ ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

# ଶହେ ଟଙ୍କା ଥିଲା ମୋ ପ୍ରଥମ ରୋଜଗାର

୧୯୮୦ ମସିହାର କଥା। ରେଭେନ୍‌ଶା କଲେଜରୁ ଏମ୍‌ଏ ପାସ୍ କରି ଘରକୁ ଫେରିଥାଏ। ଚାକିରି ପାଇଁ ଲିଖିତ ପରୀକ୍ଷା ଏବଂ ଇଣ୍ଟରଭ୍ୟୁ ଦେଉଥାଏ। ଦିନେ ଦୁଇଟି ନୂଆକରି ଗଢି ଉଠିଥିବା କଲେଜରୁ ଡାକରା ଆସିଲା ଅଧ୍ୟାପନା କରିବାକୁ। ଉତ୍ସାହର ସହ ସେଥିରୁ ଗୋଟିକରେ ଯାଇ ଯୋଗଦେଲି। ସେ କଲେଜଟି ଗୋଟିଏ ବର୍ଷ ଆଗରୁ ଆରମ୍ଭ ହୋଇଥିଲେ ବି ତା'ର ଅବସ୍ଥା ଥିଲା ଦୟନୀୟ, ଯାହା ମୋତେ ସେଥିରେ ଯୋଗ ଦେବା ପରେ ଜଣାଗଲା। କଲେଜର ସ୍ୱୀକୃତି, ଅନୁଦାନ, ନିଜଘର, ଆସବାବ ଆଦି କୌଣସି ବ୍ୟବସ୍ଥା ନ ଥିଲା। କେବଳ ଥିଲା କେତେଜଣ ସ୍ଥାନୀୟ ବ୍ୟକ୍ତିଙ୍କର ଆନ୍ତରିକ ପ୍ରଚେଷ୍ଟା। ଥାଆନ୍ତି ଜଣେ ଅଧ୍ୟକ୍ଷ ଆଉ ମୋତେ ମିଶାଇ ୪ଜଣ ଅଧ୍ୟାପକ ଏବଂ ମୁଷ୍ଟିମେୟ ଛାତ୍ରୀଛାତ୍ର ଆସୁଥାଆନ୍ତି ପଢିବାକୁ। କଲେଜର ନିଜସ୍ୱ ଶ୍ରେଣୀଗୃହ ନ ଥିବାରୁ କ୍ଲାସ୍ ଚାଲୁଥାଏ ସେଠାକାର ସରକାରୀ ଉଚ୍ଚ ବିଦ୍ୟାଳୟର କକ୍ଷଗୁଡ଼ିକରେ। ସେ କଲେଜରେ ଥିବା ଅଧ୍ୟକ୍ଷ ଏବଂ ଅନ୍ୟ ଅଧ୍ୟାପକମାନେ ଆସୁଥାଆନ୍ତି ଆଖପାଖ ଗାଁରୁ। ସାଇକେଲ କିମ୍ବା ଲୋକାଲ ଟ୍ରେନ୍‌ରେ ଆସି ଫେରିଯାଆନ୍ତି ସବୁଦିନ। ଦୂରରୁ ଆସିଥିବାରୁ ମୋତେ କିନ୍ତୁ ରହିବାକୁ ପଡୁଥାଏ ସେଠାରେ। କଲେଜର ଅଫିସ୍ ଘର ଭାବେ ବ୍ୟବହୃତ ହେଉଥାଏ ଜଣେ ବ୍ୟକ୍ତିଙ୍କର ବହି ଦୋକାନକୁ ଲାଗିଥିବା ଗୋଟିଏ କୋଠରି। ରାତ୍ରିଯାପନ ପାଇଁ ସେହି କୋଠରିଟି ଥିଲା ମୋର ଆଶ୍ରୟସ୍ଥଳ। ବେତନ ପାଇଁ ଚାକିରି କରୁଥିଲେ ବି ଘରୁ ଖାଇ ଯିବାଆସିବା କରୁଥିବା ଅଧ୍ୟାପକମାନେ ବେତନ ଉପରେ ନିର୍ଭର କରୁ ନ ଥାନ୍ତି। ମୋର କିନ୍ତୁ ଦୈନନ୍ଦିନ ଖର୍ଚ୍ଚ ପାଇଁ ଅର୍ଥ ଆବଶ୍ୟକ ହେଉଥାଏ। ହେଲେ କଲେଜରୁ କେତେ ମିଳିବ ଏବଂ କେବେ ମିଳିବ ସେ କଥା ମୋତେ ଜଣା ନ ଥାଏ। କଲେଜ ପରିଚାଳନା ସମିତିର ବୈଠକ ବସିବାକୁ ଥାଏ। ଆମେ ଆଶା କରୁଥାଉ ସେଦିନ ଆମ ବେତନ ବିଷୟରେ ନିଷ୍ପତ୍ତି ନିଆଯିବ। ନିର୍ଦ୍ଦିଷ୍ଟ ଦିନ ପରିଚାଳନା କମିଟି ବୈଠକ ବସିଲା, ସେଥିରେ କଲେଜ ଅଧ୍ୟକ୍ଷ ବି ସାମିଲ ଥିଲେ। କଲେଜର ଭବିଷ୍ୟତକୁ ନେଇ ଆଲୋଚନାବେଳେ ଆମ ଅଧ୍ୟାପକମାନଙ୍କର ବେତନ ବିଷୟ ଉତ୍ଥାପନ କରିବାକୁ ଆମେ ଅଧ୍ୟକ୍ଷଙ୍କୁ କହିଥାଉ। ଅଫିସ୍ ଗୃହରେ ବୈଠକ ଚାଲିଥିବାବେଳେ ଆମେ ଉତ୍କଣ୍ଠାର ସହ ବାହାରେ ଅପେକ୍ଷା କରିଥାଉ। କିଛି ସମୟ ଆଲୋଚନା ପରେ ବୈଠକ ଶେଷହେଲା। ପରିଚାଳନା କମିଟି ସଦସ୍ୟଙ୍କୁ ବିଦାୟ ଦେଇ ଅଧ୍ୟକ୍ଷ ମହାଶୟ ଆସିଲେ ଆମ ଗହଣକୁ। ଆମେ ସବୁ ଉଦ୍‌ବିଗ୍ନ ହେଉଥାଉ ଆମ ଦରମା ବିଷୟରେ ଜାଣିବାକୁ। ମୋ ପୂର୍ବରୁ କାର୍ଯ୍ୟ କରୁଥିବା ଅଧ୍ୟାପକମାନଙ୍କୁ ଅଧ୍ୟକ୍ଷ କିଛି କିଛି ଟଙ୍କା ବାଣ୍ଟିଦେଲେ ; ଯାହା ଥିଲା ସେମାନଙ୍କ ବାକିଆ ପ୍ରାପ୍ୟ ତୁଳନାରେ ନଗଣ୍ୟ। ମୋର କିନ୍ତୁ ସେ କଲେଜରେ ଯୋଗ ଦେବାର ଗୋଟିଏ ମାସ ବି ପୂରି ନ ଥାଏ। ତଥାପି ମୋତେ ଅଗ୍ରିମ ବେତନ ଆକାରରେ ମିଳିଥିଲା ଶହେଟଙ୍କା। ସେହି ଥିଲା ମୋ ପ୍ରଥମ ରୋଜଗାର। ଏତେ କମ୍ ପ୍ରାପ୍ୟକୁ ନେଇ ଅଧ୍ୟାପକମାନେ ଅସନ୍ତୋଷ ପ୍ରକାଶ କରିବାରୁ ଅଧ୍ୟକ୍ଷ ପରିହାସ ଛଳରେ କହିଲେ, 'ଏପରି ଅନୁଷ୍ଠାନରେ ଚାକିରି କରିବାକୁ ହେଲେ ଆମେ କାନ୍ଧୁଥିବା ଯାହା ମିଳିଲା ବାନ୍ଧୁଥିବା'। ନୈରାଶ୍ୟ ମଧ୍ୟରେ ହାସ୍ୟରୋଳ ସୃଷ୍ଟି କରିଥିଲା ତାଙ୍କର ସେ ମନ୍ତବ୍ୟ। ଗୋଟିଏ ଦୁଇଟି ମାସ ମଧ୍ୟରେ ଅବଶ୍ୟ ମୁଁ ସେ କଲେଜ ଛାଡ଼ି ଅନ୍ୟ ଗୋଟିଏ କଲେଜରେ ଯୋଗଦେଲି। ସେଠାରେ ୬ମାସ ରହିବା ପରେ ୟୁକୋ ବ୍ୟାଙ୍କରେ ମୋର ଚାକିରି ହୋଇଗଲା। ଆଉ ତା'ର ୩ ବର୍ଷ ପରେ ସିଭିଲ୍ ସର୍ଭିସ ପାଇ ବିଭିନ୍ନ ପ୍ରତିରକ୍ଷା ହେଡ୍‌କ୍ୱାର୍ଟର୍ସରେ କାମ କରି ଶେଷରେ ୨୦୧୭ରେ ଚାକିରିରୁ ଅବସର ନେଲି। ଅବସର ପରେ ସାହିତ୍ୟ କ୍ଷେତ୍ରରେ ରୁଚି ଥିବାରୁ ଗପ, କବିତା, ଉପନ୍ୟାସ, ଶିଶୁଗଳ୍ପ ଆଦି ଲେଖି ଜୀବନରେ ବହୁ ପୁରସ୍କାର ଓ ସମ୍ମାନ ପାଇଥିଲେ ବି ସେହି ପ୍ରଥମ ରୋଜଗାରର ଅନୁଭୂତିକୁ ମନରୁ ଆଦୌ ପାସୋରି ପାରୁନି।

# ଚୋରା ଚାହାଣୀକୁ ତେରେଛା ହସ, ସହଜେ ଫିଟେନା ପ୍ରେମର ଫାଶ

**ପ୍ରଶ୍ନ**–ସେହି ସୁନ୍ଦରୀ ହସ ମୋତେ ମତୁଆଲା କରିଛି। ମୋତେ ଲାଗୁଛି ଯେମିତି ଆମେ ଦୁହେଁ 'ମେଡ୍ ଫର ଇଚ୍ ଅଦର'। ହେଲେ ସେ ମୋ ମନର କଥାକୁ କେମିତି ବୁଝିବ ?

*–ଅମନ, ବାଲେଶ୍ୱର*

**ଉତ୍ତର :** ସେହି ସୁନ୍ଦରୀ ହସକୁ ଆପଣ ପ୍ରଥମେ ଭଲ ଭାବରେ କ୍ଷୁଡି କରନ୍ତୁ। ଯଦି ସେଥିରୁ ପ୍ରେମର ଝଲକ୍ ପାଉଛନ୍ତି, ତେବେ ବିଳମ୍ବ କରିବା ଅନାବଶ୍ୟକ। କାରଣ 'ଚୋରା ଚାହାଣୀକୁ ତେରେଛା ହସ, ସହଜେ ଫିଟେନା ପ୍ରେମର ଫାଶ'। ବାସ୍, ସମୟ ସୁବିଧା ଦେଖି ଯାହାକୁ ମନର ମାନସୀ ବୋଲି ଭାବିନେଇଛନ୍ତି ତାଙ୍କୁ ନିଜ ମନ କଥା କୁହନ୍ତୁ। ଯଦି ଆପଣଙ୍କ କଥା ତାଙ୍କର ମନକୁ ଛୁଇଁଲା, ତେବେ ଜାଣିନିଅନ୍ତୁ ଯେ, ଆପଣଙ୍କୁ ଖୋଜିବା ଚିଜ ମିଳିଗଲା।

**ପ୍ରଶ୍ନ**–ମୁଁ ଏବେ କଲେଜରେ ପଢୁଛି। ମୋଠାରୁ ବୟସରେ ବଡ ଜଣେ ଝିଅକୁ ଏକତରଫା ପ୍ରେମ କରିବସିଛି। ଆମର ପ୍ରେମ ଗାଡି ଆଗକୁ ଗଡିବ ତ ?

*–ପ୍ରୀତିଶ ସାହୁ, କଟକ*

**ଉତ୍ତର :** ଗୋଟିଏ ପଟେ କହୁଛନ୍ତି ଯେ, ଆପଣଙ୍କ ପ୍ରେମ ଏକତରଫା। ଏପରି ପ୍ରେମରେ କ୍ଷଣିକ ମଜା ଥାଏ। ହେଲେ ସେହି ମଜା ଯେ ସବୁବେଳେ ମିଳିବ ତାହା ଭାବିବା ଭୁଲ। ତେଣୁ ଯାହାଙ୍କୁ ଏକତରଫା ପ୍ରେମ କରୁଛନ୍ତି ତାଙ୍କ ମନ ଭିତରେ ଆପଣଙ୍କ ପାଇଁ ସ୍ଥାନ ଅଛି କି ନାହିଁ ତାହା ଜାଣି ନିଅନ୍ତୁ। ନ ହେଲେ ଏମିତି ଅନ୍ଧାରରେ ବାଡି ବୁଲାଇଲେ କିଛି ଲାଭ ନାହିଁ। ଦୁଇଟି ମନ ଠିକ୍ ଭାବରେ ମିଶିଲେ ସେଥିରୁ ପ୍ରେମର ଅସଲ ମଜା ଅନୁଭୂତ ହୋଇଥାଏ। ତେଣୁ ପ୍ରଥମେ ନିଜ ମନରୁ ଏହି ଏକତରଫା ପ୍ରେମର ଭୂତକୁ ଉତାରି ଦିଅନ୍ତୁ।

**ପ୍ରଶ୍ନ**–ଜଣେ ଝିଅ ମୋତେ ଅନେକ ଥର 'ଆଇ ଲଭ୍ ୟୁ' କହିସାରିଲାଣି। ହେଲେ ତାକୁ ମୁଁ ମୋ ମନର କଥା କହିବାକୁ ଡର ଲାଗୁଛି। ତାକୁ କେମିତି ମନର କଥା କହିବି ଜାଣିପାରୁନାହିଁ ?

*–ବିଜୟ କୁମାର, ସୁନାବେଡା*

**ଉତ୍ତର :** ପ୍ରେମରେ ଯିଏ ଡରିଗଲା ସିଏ ହାରିଗଲା। ମନରେ ସାହସ ଏକଜୁଟ୍ କରନ୍ତୁ। ଏପରି ସୁଯୋଗ ପାଇବା ପରେ ତାକୁ ୟୁଟିଲାଇଜ୍ ନ କରି ଆପଣ ଡରୁଛନ୍ତି ! ଆପଣ ପ୍ରେମ କେମିତି କରିବେ ତାହା ତ ସନ୍ଦେହ ଘେରରେ। ସେପଟୁ ଗ୍ରୀନ୍ ସିଗନାଲ୍ ମିଳୁଛି ମାନେ ଆଉ ଡେରି ନ କରି ବହି ଫିଟ୍ କରିଦିଅନ୍ତୁ। ଯଦି ବିଳମ୍ବ କରିବେ ଚାନ୍ସଟି ହାତରୁ ଖସି ଯିବାର ସମ୍ଭାବନା ରହିଛି।

**ପ୍ରଶ୍ନ**–ପ୍ରେମ କରିବା ପୂର୍ବରୁ କେତେକ ଝିଅ ନଖରାମି କରନ୍ତି କାହିଁକି ?

*–ପ୍ରମୋଦ ନାୟକ, ବଡବିଲ*

**ଉତ୍ତର :** ବେଳେବେଳେ ସେହି ନଖରାମିରେ ହିଁ ପ୍ରେମର ଅସଲ ମଜା ଲୁଚି ରହିଥାଏ। କେତେକ ତାହାକୁ ସିରିୟସଲି ନିଅନ୍ତି ଆଉ ପ୍ରେମ ବିଷୟରେ ଅନେକ ନେଗେଟିଭ କଥା ଭାବନ୍ତି। ପ୍ରେମର ଆରମ୍ଭରେ ପ୍ରେମିକାର ନଖରାମିକୁ ଟିକେ ହାଲକା ଭାବରେ ନିଅନ୍ତୁ। ତାହାର ସେହି ନଖରାମି ପଛରେ ଥିବା କାରଣକୁ ନ ଖୋଜି ବରଂ ସେଇଠୁ ହିଁ ଅସଲ ପ୍ରେମର ସୂତ୍ର ଆପଣ ପାଇପାରିବେ। ତେଣୁ ନଖରାମିକୁ ନେଇ ନୋ ଟେନସନ୍, ଓନ୍ଲି ମସ୍ତି !

**ପ୍ରଶ୍ନ**–ଯାହାକୁ ପ୍ରେମ କରୁଥିଲି ତାକୁ ତ ବାହା ହୋଇପାରିଲି ନାହିଁ। ତା' ସାଙ୍ଗରୁ ବାହା ହୋଇଛି। ହେଲେ ନିକଟରେ ମୋ ପୂର୍ବ ପ୍ରେମିକା ସହ ଭେଟ ହେବା ପରେ ମୁଁ ପୁଣି ଥରେ ତା' ପ୍ରେମରେ ପଡିଯାଇଛି। ମୁଁ ଏବେ କ'ଣ କରିବି ଜାଣିପାରୁନାହିଁ।

*–ସୁଜିତ, ପୁରୀ*

**ଉତ୍ତର :** କଥାରେ ଅଛି–ଆପଣା ହସ୍ତେ ଜିହ୍ୱା ଛେଦି, କେ' ତା'ର ଅଛି ପ୍ରତିବାଦୀ'। ଆପଣ ବିବାହିତ। ହେଲେ ପୁଣି ଥରେ ନିଜର ପୂର୍ବତନ ପ୍ରେମିକା ପ୍ରେମରେ ପଡିଗଲେଣି। ତେଣୁ ଏହାର ପରିଣାମ କ'ଣ ହେବ ଚିନ୍ତା କରନ୍ତୁ। ଜୋସ୍‌ରେ ସିନା ସେହି ପ୍ରେମିକା ସହ ପୁଣି ଥରେ ପ୍ରେମର ମଜା ନେବେ, ହେଲେ ଏହା ଦିନେ ପରମାଣୁ ବୋମା ପରି ଆପଣଙ୍କ ବୈବାହିକ ଜୀବନକୁ ଧ୍ୱଂସ କରିଦେବ। ତେଣୁ ବେଳ ଥାଉ ଥାଉ ସେହି ରାସ୍ତାରୁ ଓହରି ଆସନ୍ତୁ।

ସାଥୀ



# ଫ୍ୟାଶନ ଦେଇଛି ପରିଚୟ

ପିଲାଟି ଦିନରୁ ଫ୍ୟାଶନ ଇଣ୍ଡଷ୍ଟ୍ରିରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାକୁ ସେ ସ୍ୱପ୍ନ ଦେଖିଥିଲେ। କେବଳ ଏକ ସୁଯୋଗକୁ ଥିଲା ତାଙ୍କର ଅପେକ୍ଷା। ସୌଭାଗ୍ୟକୁ ତାଙ୍କୁ ଯେବେ ସେହି ସୁଯୋଗଟି ମିଳିଲା ସେ ତା'ର ସଦୁପଯୋଗ କରି କେବଳ ଓଡ଼ିଶା ଫ୍ୟାଶନ ଇଣ୍ଡଷ୍ଟ୍ରି ନୁହେଁ ଓଡ଼ିଶା ବାହାରେ ବି ନିଜର ପରିଚୟ ତିଆରି କରିବାରେ ସକ୍ଷମ ହେଲେ। କିନ୍ତୁ ଏଥିପାଇଁ ତାଙ୍କୁ ଅନେକ ସଂଘର୍ଷ କରିବାକୁ ପଡିଥିଲା, ଆଉ ଶେଷରେ ନିଜ ସ୍ୱପ୍ନକୁ ପୂରଣ କରିବାରେ ସେ ସଫଳ ହେଲେ। ଏଠାରେ ଯାହାଙ୍କ କଥା କୁହାଯାଉଛି, ସେ ହେଲେ ପ୍ରଫେସନାଲ ମେକ୍‌ଅପ୍ ଆର୍ଟିଷ୍ଟ **ସୋନାଲି ମିଶ୍ର**।

କଟକ ଚୌଦ୍ୱାରରେ ତାଙ୍କ ଜନ୍ମ। ତାଙ୍କ ବାପା ଜଣେ ପୋଲିସ ଅଫିସର ଥିଲେ। ବାପାଙ୍କର ଚାକିରି କ୍ଷେତ୍ରରେ ବାରମ୍ବାର ବଦଳି ଯୋଗୁ ତାଙ୍କ ପାଠପଢା ଓଡ଼ିଶାର ବିଭିନ୍ନ ସ୍ଥାନରେ ହୋଇଥିଲା। ପଢାରେ ଭଲ ଥିବାରୁ ସେ ବି.ଏସ୍‌ସି. ପରେ ଏଚ୍‌ଆର୍ ମାର୍କେଟିଂରେ ଏମ୍‌ବିଏ କଲେ। ତା'ପରେ ଭୁବନେଶ୍ୱରସ୍ଥିତ ସ୍କାନ ଷ୍ଟିଲ୍ କମ୍ପାନୀରେ କିଛିଦିନ ଏବଂ ଭିପୁଲ ଲିମିଟେଡ୍‌ରେ କିଛିଦିନ ଏଚ୍‌ଆର୍ ଭାବେ କାମ କଲେ। ଚାକିରିରୁ ଭଲ ଦରମା ମିଳୁଥିଲେ ବି ମନ କିନ୍ତୁ ତାଙ୍କର ମାନୁ ନ ଥିଲା। କାହା ଅଧୀନରେ ନୁହେଁ ବରଂ ସେ ନିଜର ଏକ ଫ୍ୟାଶନ ଦୁନିଆ ଗଢି ସେଥିରେ କାମ କରିବାକୁ ଚାହୁଁଥିଲେ। ଆଉ ଏଥିପାଇଁ ତାଙ୍କୁ କାହାର ସହଯୋଗର ହାତ ଦରକାର ଥିଲା। ଯୋଗକୁ ଏହି ସମୟରେ ତାଙ୍କର ବାହାଘର ଠିକ୍ ହେଲା। ଭାବି ସ୍ୱାମୀ ମର୍ଚ୍ଚାଣ୍ଟ ନାଭିରେ କାମ କରୁଥିଲେ। ବାହାଘର ପରେ ସ୍ୱାମୀଙ୍କ ପାଖକୁ ଯିବାକୁ ହେଲେ ତାଙ୍କୁ ଅଫିସ୍‌ରୁ ବାରମ୍ବାର ଛୁଟି ନେବାକୁ ପଡୁଥିଲା ; ଯେଉଁଥିପାଇଁ ଅଫିସ୍‌ରେ କ୍ରମେ ଅପ୍ରୀତିକର ପରିସ୍ଥିତି ଉପୁଜିବାରୁ ସେ ବାଧ୍ୟ ହୋଇ ଚାକିରି ଛାଡି ସ୍ୱାମୀଙ୍କ ପାଖକୁ ଚାଲିଗଲେ। କିଛିଦିନ ପରେ ଗର୍ଭବତୀ ହେବାରୁ ଶାଶୁଘରକୁ ଆସି ଏକ କନ୍ୟା ସନ୍ତାନର ଜନନୀ ହେଲେ। ଝିଅ ଟିକେ ବଡ଼ ହୋଇଯିବା ପରେ ସୋନାଲି ନିଜ କ୍ୟାରିୟରକୁ ଏକ ନୂଆ ମୋଡ ଦେବାକୁ ଚିନ୍ତାକରି ଘରୁ ପୁଣି ଗୋଡ଼ କାଢିଲେ। ହେଲେ ଏଥର କାହା ଅଧୀନରେ ନୁହେଁ ବରଂ ନିଜ ଗୋଡ଼ରେ ନିଜେ କିପରି ଠିଆ ହୋଇପାରିବେ ସେ ଚେଷ୍ଟାରେ ଲାଗିଲେ। ଯେହେତୁ ତାଙ୍କର ପିଲାଟି ଦିନରୁ ଭଲ ପିନ୍ଧିବା ଆଉ ସଜେଇ ହେବାର ସଉକ ଥିଲା, ତେଣୁ ସେହି ଫ୍ୟାଶନ କ୍ଷେତ୍ରରେ କ୍ୟାରିୟର କରିବାକୁ ଚିନ୍ତା କରି ପରିବାର ଲୋକଙ୍କ ସହମତିରେ ବେଙ୍ଗାଲୁରୁ ଯାଇ ସେଠାରେ ମେକ୍‌ଅପ୍ ଉପରେ ୪ ମାସର ଏକ କୋର୍ସ କଲେ। ମେକ୍‌ଅପ୍ ମାନେ ପାର୍ଲର କୋର୍ସ ନୁହେଁ ବରଂ ସୋନାଲି ଜଣେ ପ୍ରଫେସନାଲ ମେକ୍‌ଅପ୍ ଆର୍ଟିଷ୍ଟ ଭାବେ ସେଠାରେ ଟ୍ରେନିଂ ନେଲେ। ଆଉ ଟ୍ରେନିଂ ସମୟରେ ସେ ଯାହାବି ଶିଖୁଥିଲେ ସେ ସବୁକୁ 'ଗ୍ଲାମ୍ ଅପ୍ ବାଏ ସୋନାଲି' ନାଁରେ ନିଜର ଏକ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟ ଖୋଲି ସେଥିରେ ଶେୟାର କରିଦେଉଥିଲେ। ଯଦ୍ୱାରା ତାଙ୍କର ବେଶ୍ କେତେଜଣ ଫଲୋଅର୍ ହୋଇଯାଇଥିଲେ ; ତନ୍ମଧ୍ୟରୁ କିଛି ଫଲୋଅର୍ ଓଡ଼ିଶାର ବି ଥିଲେ। ଯେତେବେଳେ ଟ୍ରେନିଂ ସାରି ଓଡ଼ିଶା ଫେରିଥିଲେ, ଦେଢମାସ ପରେ ଇନ୍‌ଷ୍ଟାଗ୍ରାମ୍ ଜରିଆରେ ତାଙ୍କୁ ଏକ ପ୍ରି-ୱେଡିଂ ଶୁଟ୍ ପାଇଁ ମେକ୍‌ଅପ୍ ଦେବାର ଅଫର୍ ମିଳିଥିଲା। ନିର୍ଦ୍ଧାରିତ ଦିନ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ ଯାଏ ଶୁଟ ଚାଲିଲା। ଦିନଯାକର ପରିଶ୍ରମ ପରେ ୧୫ ଶହ ଟଙ୍କା ତାଙ୍କୁ ସେଦିନ ପାରିଶ୍ରମିକ ମିଳିଥିଲା। ଏଚ୍‌ଆର୍ ଚାକିରିରୁ ଦିନେ ଯେଉଁଠି ତାଙ୍କୁ ୧୫ ହଜାର ଟଙ୍କା ଦରମା ମିଳୁଥିଲା ସେଠି ଏହି ମେକ୍‌ଅପ୍ ଆର୍ଟିଷ୍ଟ ଭାବେ ମିଳିଥିବା ୧୫ ଶହ ଟଙ୍କା ଖୁବ୍ କମ୍ ହୋଇଥିଲେ ବି ସୋନାଲିଙ୍କୁ କିନ୍ତୁ ତାହା ଖୁବ୍ ଆତ୍ମତୃପ୍ତି ଦେଇଥିଲା। କାରଣ ଏଥିରେ ତାଙ୍କର ସ୍ୱପ୍ନ ଆଉ ଉତ୍ସାହ ଭରି ରହିଥିଲା। ବାସ୍ ତା'ପରଠୁ ସେ ଆଉ ପଛକୁ ଫେରି ଚାହିଁ ନାହାନ୍ତି। ଜଣେ ପ୍ରଫେସନାଲ ମେକ୍‌ଅପ୍ ଆର୍ଟିଷ୍ଟ ଭାବେ ଯା' ଭିତରେ









ଓଡ଼ିଶା ଫ୍ୟାଶନ ଜଗତରେ ସେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିସାରିଲେଣି। ତା'ସହିତ 'ଗ୍ଲାମ୍ ଆଣ୍ଡ ଗେଟି' ନାମରେ ସୋନାଲିଙ୍କର ନିଜର ଏକ ଫ୍ୟାଶନ ହାଉସ୍ ବି ଅଛି ; ଯେଉଁଠାରେ ଓଡ଼ିଶାର ହ୍ୟାଣ୍ଡଲୁମ୍ ବସ୍ତ୍ରକୁ ଫ୍ୟୁଜନ୍ ଲୁକ୍ ଦିଆଯାଉଛି ; ଆଉ ଯାହାର ଭଲ ଚାହିଦା ବି ରହୁଛି। କେବଳ ସେତିକି ନୁହେଁ ଏବେ ସୋନାଲି ନିଜେ ଜଣେ ଫ୍ୟାଶନ ଆଇକନ୍ ଭାବେ ବିଭିନ୍ନ ର୍‍ୟାମ୍ପ ଶୋ'ରେ ଚାଲିବା ସହ ଜୁରି ମେମ୍ବର ଭାବେ ବିଭିନ୍ନ ଫ୍ୟାଶନ ଶୋ'ରେ ବି ଭାଗ ନେଉଛନ୍ତି। ଏପରି କି ଏଇ ନିକଟରେ ତାଙ୍କୁ ଏକ କ୍ୟାଲେଣ୍ଡର ଶୁଟ୍ ପାଇଁ ବି ଅଫର୍ ମିଳିଛି। ଆଉ ଏହି ଫ୍ୟାଶନ ପାଇଁ ସୋନାଲିଙ୍କୁ ଯା'ଭିତରେ ଅନେକ ସମ୍ମାନ ଓ ପୁରସ୍କାର ବି ମିଳିସାରିଲାଣି ; ଯାହାକି ତାଙ୍କୁ ଆହୁରି ଲୋକପ୍ରିୟତା ଆଣିଦେଇଛି।

–ଅନ୍ୱିତା ମିଶ୍ର

# ଏମିତି ରଖନ୍ତୁ ଠାକୁର ଘର

**ପୂଜାକୁ ସଫଳ ଓ ଫଳଦାୟୀ କରିବାକୁ ହେଲେ ଠାକୁରଘରେ ଦେବଦେବୀଙ୍କର ପ୍ରତିମା ସ୍ଥାପନାଠୁ ଆରମ୍ଭ କରି ତାଙ୍କୁ ଆରାଧନା କରିବା ପର୍ଯ୍ୟନ୍ତ ସବୁ ପାଇଁ କିଛି ନା କିଛି ନିୟମ ମାନିବାକୁ ହୋଇଥାଏ। ଯଦ୍ୱାରା ଦେବଦେବୀଙ୍କର ଆଶିଷ ଲାଭ ହେବା ସହ ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଇଥାଏ। ଯେମିତିକି:**



* ଠାକୁର ଘରେ ଦେବଦେବୀଙ୍କ ପ୍ରତିମା ସ୍ଥାପନା କରିବା ପୂର୍ବରୁ ପ୍ରଥମେ ଘରକୁ ଭଲଭାବେ ସଫାକରି ଅନାବଶ୍ୟକ ଜିନିଷକୁ ଘରୁ ବାହାର କରିଦେବା ଆବଶ୍ୟକ। କାରଣ ବେକାର ପଡ଼ିଥିବା ଜିନିଷ ଘରେ ନକାରାତ୍ମକ ଉର୍ଜା ସୃଷ୍ଟି କରିଥାଏ।

* ଦେବଦେବୀଙ୍କର ମୂର୍ତ୍ତି ହେଉ ଅବା ଫଟୋକୁ ଘରର ପୂର୍ବ ଦିଗରେ ଏପରି ସ୍ଥାପନା କରିବେ, ଯେମିତିକି ତାଙ୍କ ମୁଖ ପଶ୍ଚିମ ଦିଗ ଆଡକୁ ଏବଂ ପୂଜା କରିବା ସମୟରେ ବ୍ୟକ୍ତିଙ୍କ ମୁହଁ ପୂର୍ବ ଦିଗ ଆଡକୁ ରହୁଥିବ। ଏହାଦ୍ୱାରା ପୂଜା ସଫଳ ହୋଇଥାଏ ବୋଲି ବିଶ୍ୱାସ ରହିଛି।

* ଠାକୁର ଘରେ କେବେ ବି ଅଧିକ ଉଚ୍ଚତା ବିଶିଷ୍ଟ ଦେବଦେବୀଙ୍କ ମୂର୍ତ୍ତି ରଖିବା ଠିକ୍ ନୁହେଁ। ବାସ୍ତୁଶାସ୍ତ୍ର ଅନୁଯାୟୀ ୭ ଇଞ୍ଚ ହେଉ ଅବା ୯ ଆଙ୍ଗୁଠି ଉଚ୍ଚତା ବିଶିଷ୍ଟ ଠାକୁରଙ୍କ ମୂର୍ତ୍ତିକୁ ଘରେ ରଖି ପୂଜା କରିବା ଶୁଭ ହୋଇଥାଏ।

* ସେହିପରି ଠାକୁରଙ୍କ ମୂର୍ତ୍ତି ହେଉ ଅବା ଫଟୋକୁ ସିଧାସଳଖ ଚଟାଣ ଉପରେ ନ ରଖି ନାଲି ରଙ୍ଗର ସଫା କପଡ଼ା ଉପରେ ରଖିବା ଆବଶ୍ୟକ।

* ଠାକୁର ଘରେ ପୂଜା ପାଉଥିବା ଦେବଦେବୀଙ୍କର ମୂର୍ତ୍ତି ହେଉ ଅବା ଫଟୋକୁ ଫୁଲରେ ପୂରା ଭର୍ତ୍ତି କରିଦେବା ଠିକ୍ ନୁହେଁ। ସେମାନଙ୍କ ମୁହଁ ଯେପରି ଦେଖାଯାଉଥିବ ସେଥିପ୍ରତି ଧ୍ୟାନଦେବା ଜରୁରୀ।

* ଠାକୁର ଘରର କାନ୍ଥରେ ନାଲି ସିନ୍ଦୁରରେ ଓଁ ଏବଂ ସ୍ୱସ୍ତିକ ଚିହ୍ନ କରିବା ମଧ୍ୟ ଅତ୍ୟନ୍ତ ଶୁଭ ହୋଇଥାଏ।

* ଠାକୁର ପୂଜାରେ ତମ୍ବା, ପିତଳ ହେଉ ଅବା ରୁପାର ବାସନକୁସନ ବ୍ୟବହାର କରିବା ଉତ୍ତମ ଫଳ ଦେଇଥାଏ।

* ଘରର ମୁଖ୍ୟ ଦ୍ୱାର ହେଉ ଅବା ଠାକୁର ଘରର ପ୍ରବେଶ ଦ୍ୱାରରେ ସିନ୍ଦୂରରେ ସ୍ୱସ୍ତିକ ଚିହ୍ନ କରି ଆମ୍ବ ଡାଳ ବାନ୍ଧିଲେ ଘରେ ସକାରାତ୍ମକ ଉର୍ଜା ଉତ୍ପନ୍ନ ହେବା ସହ ପ୍ରଭୁକୃପା ଲାଭ ହୋଇଥାଏ ବୋଲି ବିଶ୍ୱାସ ମଧ୍ୟ ରହିଛି।



## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଜୟଶ୍ରୀ

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧

# ହାଃ ହାଃ

## ସେକେଣ୍ଡ ହାଣ୍ଡ

ଝିଅ ଦେଖିବାକୁ ଆସିଥିବା ଯୁବକ, ଯୁବତୀଙ୍କ ସହ ଏକୁଟିଆ କଥା ହେବା ବେଳେ..

ଯୁବତୀ: ମୁଁ କିଛି ଲୁଚାଇବାକୁ ଚାହେଁନା ତେଣୁ ମୁଁ ଜଣେଇ ଦେଉଛି ଯେ, ମୋର ଜଣେ ବୟଫ୍ରେଣ୍ଡ ଥିଲେ।

ଯୁବକ: କିଛି କଥା ନାହିଁ। ମୁଁ ମୋର ତିନି ଭାଇ ଭିତରେ ସବୁଠୁ ସାନ।

ଯୁବତୀ: ଏ କଥା କହିବାର ଅର୍ଥ କିଛି ବୁଝି ପାରିଲିନି।

ଯୁବକ: ମୋ କହିବାର ଅର୍ଥ ହେଉଛି– ମୋର ସେକେଣ୍ଡ ହାଣ୍ଡ ଜିନିଷ ବ୍ୟବହାର କରିବାର ଅଭ୍ୟାସ ଅଛି।

## ପ୍ୟାର୍

ରାହୁଲ ମଣ୍ଟୁକୁ: ଆରେ ସାଙ୍ଗ ଆଜିକାଲି –ଚଲତେ, ଚଲତେ ୟୁହିଁ ରୁକ୍ ଯାତା ହୁଁ ମେଁ, ବୈଠେ ବୈଠେ ୟୁହିଁ ଖୋ ଯାତା ହୁଁ ମେଁ। କ୍ୟା ୟହି ପ୍ୟାର ହୈ, କ୍ୟା ୟହି ପ୍ୟାର ହୈ।

ମଣ୍ଟୁ: ନାଇଁରେ ସାଙ୍ଗ ତତେ ପ୍ୟାର ନୁହଁ, କମ୍‌ଜୋରୀ ହେଇଛି। ସେଥିପାଇଁ ସକାଳେ ସନ୍ଧ୍ୟାବେଳେ ଗ୍ଳୁକୋଜ୍ ପିଏ।

## ଇଞ୍ଜେକ୍ସନ

ସ୍ତ୍ରୀ ସ୍ୱାମୀଙ୍କୁ: ଇଞ୍ଜେକ୍ସନ ନେଲ ?

ସ୍ୱାମୀ: ହଁ।

ସ୍ତ୍ରୀ: କାଟିଲା ?

ସ୍ୱାମୀ: ନାଁ, ସେତେ ନୁହଁ। ନର୍ସ ବହୁତ ଭଲରେ ଦେଲେ।

ସ୍ତ୍ରୀ: ଅନ୍ୟ ସ୍ତ୍ରୀ ଲୋକ ଛୁଞ୍ଚି ଫୋଡିଲେ ବି ତମକୁ କାଟୁନି। ଆଉ ମୁଁ ଖାଲି କଥା କହିଲେ ବି ତମ ଦେହରେ ଡାମ୍ଫଣ ଭଳି ଫୋଡି ହେଇଯାଉଛି।



# ଭାସମାନ ଅଭୟାରଣ୍ୟ

**ମଣିପୁରରେ ଦେଖିବାକୁ ମିଳୁଥିବା ବିଲୁପ୍ତପ୍ରାୟ ସଙ୍ଗାଇ ହରିଣମାନଙ୍କ ପାଇଁ ସ୍ୱତନ୍ତ୍ର ପରିଚୟ ହାସଲ କରିଥିବା କେଇବୁଲ୍ ଲାମଜାଓ ଜାତୀୟ ଉଦ୍ୟାନରେ ପର୍ଯ୍ୟଟକ ଅନ୍ୟାନ୍ୟ ବନ୍ୟପ୍ରାଣୀ ତଥା ଶତାଧିକ ପ୍ରଜାତିର ପକ୍ଷୀଙ୍କୁ ଦେଖବା ସହ ଫଟୋଗ୍ରାଫିର ମଧ ମଜା ନେଇପାରିବେ...**

ମଣିପୁରର ବିଷ୍ଣୁପୁର ଜିଲା ଅନ୍ତର୍ଗତ ଏକ ଆକର୍ଷଣୀୟ ବନ୍ୟପ୍ରାଣୀ ଅଭୟାରଣ୍ୟ ହେଉଛି କେଇବୁଲ୍ ଲାମଜାଓ ଜାତୀୟ ଉଦ୍ୟାନ। ପ୍ରକୃତପକ୍ଷେ ଏହି ଜାତୀୟ ଉଦ୍ୟାନଟି ହେଉଛି ସ୍ଥାନୀୟ ଲୋକତାକ ହ୍ରଦର ଏକ ଅଂଶ। ଅର୍ଥାତ୍ ଲୋକତାକ ହେଉଛି ମଣିପୁରର ଏକ ବଡ଼ ହ୍ରଦ। ପ୍ରାୟ ୨୫୦ ବର୍ଗ କି.ମି ବ୍ୟାପ୍ତ ଏହି ହ୍ରଦର ମଝିରେ ମଝିରେ କିନ୍ତୁ ଗୋଲେଇ ଆକାରରେ ଅନେକ ଛୋଟବଡ଼ ଦ୍ୱୀପ ରହିଛି। ତନ୍ମଧ୍ୟରୁ ଏକ ଦ୍ୱୀପ ହେଉଛି କେଇବୁଲ ଲାମଜାଓ। ପ୍ରାୟ ୪୦ ବର୍ଗ କି.ମି. ପର୍ଯ୍ୟନ୍ତ ପରିବ୍ୟାପ୍ତ ଏହି ଦ୍ୱୀପରେ ବିଲୁପ୍ତପ୍ରାୟ ସଙ୍ଗାଇ ହରିଣକୁ ଦେଖିବାକୁ ମିଳେ। ଏହି ହରିଣ ଦକ୍ଷିଣପୂର୍ବ ଏସିଆର କେତେକ ସ୍ଥାନରେ ଦେଖିବାକୁ ମିଳେ। ଭାରତରେ ମୁଖ୍ୟତଃ ମଣିପୁରର ଏହି ସ୍ଥାନରେ ଅଳ୍ପ କିଛି ସଂଖ୍ୟାରେ ଏମାନଙ୍କୁ ଦେଖିବାକୁ ମିଳିଥାଏ। ତେଣୁ ସେମାନଙ୍କୁ ସୁରକ୍ଷା ଦେବାପାଇଁ ଏହି ଜାତୀୟ ଉଦ୍ୟାନଟି ଏଠାରେ ଗଢିଉଠିଛି। ଆଉ କେଇବୁଲ ଲାମଜାଓ ଦ୍ୱୀପ ଉପରେ ଏହା ଗଢି ଉଠିଥିବାରୁ ଏହାର ନାମ କେଇବୁଲ ଲାମଜାଓ ଜାତୀୟ ଉଦ୍ୟାନ ରଖାଯାଇଛି। ତେବେ ସବୁଠୁ ଆଶ୍ଚର୍ଯ୍ୟର କଥା ହେଉଛି, ଏହି ଜାତୀୟ ଉଦ୍ୟାନଟି ହ୍ରଦ ମଧ୍ୟରେ ରହିଥିବାରୁ ଏହାକୁ ଦୂରରୁ ଦେଖିଲେ ଏହା ପାଣିରେ ଭାସିଲା ଭଳି ଦେଖାଯାଉଛି। ସେଥିପାଇଁ କେହି କେହି ଏହାକୁ ଭାସମାନ ଅଭୟାରଣ୍ୟ ବୋଲି ବି କହିଥାନ୍ତି।

### କ'ଣ ଦେଖିବେ

କେଇବୁଲ ଲାମଜାଓ ସଙ୍ଗାଇ ହରିଣଙ୍କ ପାଇଁ ସ୍ୱତନ୍ତ୍ର ପରିଚୟ ହାସଲ କରିଥିଲେ ହେଁ, ଏଠାରେ ଅନ୍ୟାନ୍ୟ ଜୀବଜନ୍ତୁଙ୍କୁ ମଧ୍ୟ ଦେଖିହୁଏ। ଯେମିତିକି ଜଙ୍ଗଲୀ ଘୁଷୁରି, ଜଙ୍ଗଲୀ ବିଲେଇ, ରଙ୍ଗୀନ ଏଣ୍ଡୁଅ, ଏସିଆର କେତେକ ସ୍ଥାନରେ ଦେଖିବାକୁ ମିଳୁଥିବା ସୁନେଲି ରଙ୍ଗର ବିଲେଇ, ସମ୍ବର, ଜଙ୍ଗଲି ମୂଷା ଇତ୍ୟାଦି। ତା'ଛଡ଼ା ପ୍ରାୟ ଶତାଧିକ ପ୍ରଜାତିର ପକ୍ଷୀମାନଙ୍କ ପାଇଁ ବି ଏହା ଏକ ସୁରକ୍ଷିତ ଆବାସସ୍ଥଳୀ କହିଲେ ମଧ୍ୟ ଭୁଲ୍ ହେବନାହିଁ। ଏପରି କି ଶୀତଦିନେ ବହୁ ଭ୍ରମଣକାରୀ ପକ୍ଷୀ ମଧ୍ୟ ଏଠାକୁ ଉଡି ଆସିଥାନ୍ତି, ଯାହା ହେଉଛି ଏଠାକାର ଅନ୍ୟତମ ନିଆରା ଆକର୍ଷଣ। ସେହିପରି ଏହି ଅଭୟାରଣ୍ୟ ଭିତରେ ବିଭିନ୍ନ ପ୍ରଜାତିର ସରୀସୃପଙ୍କୁ ଦେଖିବା ପାଇଁ ଏକ ସ୍ୱତନ୍ତ୍ର ଗ୍ୟାଲେରି ବି ତିଆରି କରାଯାଇଛି।

### କେବେ ଓ କେମିତି ଯିବେ

ବର୍ଷର ଯେ କୌଣସି ସମୟରେ ଏଠାକୁ ଯିବାର ସୁବିଧା ରହିଛି। ହେଲେ ସ୍ଥାନୀୟ ପାଣିପାଗ ସୂଚନା କେନ୍ଦ୍ରର ମତାନୁଯାୟୀ, ଅକ୍ଟୋବରରୁ ମାର୍ଚ୍ଚ ହେଉଛି ଏଠାକୁ ଯିବା ପାଇଁ ଉପଯୁକ୍ତ ସମୟ। ସେହିପରି ମଣିପୁରରେ ପହଁଞ୍ଚି ସେଠାରୁ ଲୋକାଲ୍ ବସ୍ ହେଉ ଅବା ଟ୍ୟାକ୍ସି ସାହାଯ୍ୟରେ ଯାଇ ପ୍ରଥମେ ଏହି ଲୋକତାକ ହ୍ରଦ ନିକଟରେ ପହଁଞ୍ଚିବାକୁ ହୁଏ। ତା'ପରେ ଲୋକାଲ୍ ଗାଇଡ୍‌ଙ୍କ ସାହାଯ୍ୟରେ ଯାଇ ଏହି ଜାତୀୟ ଉଦ୍ୟାନରେ ପର୍ଯ୍ୟଟକ ବେଶ୍ ଆରାମରେ ବୁଲିପାରିବେ।

### ଡଙ୍ଗାରେ ବସିବାର ମଜା ନିଆରା

ଏଠାରେ ସ୍ଥାନେ ସ୍ଥାନେ ପର୍ଯ୍ୟଟକଙ୍କୁ ଡଙ୍ଗାରେ ବସି ବୁଲିବାକୁ ବି ସୁଯୋଗ ଦିଆଯାଇଥାଏ। ଏଥିପାଇଁ ପର୍ଯ୍ୟଟକଙ୍କୁ କିଛି ପଇସା ଦେବାକୁ ହୋଇଥାଏ।

### ଫଟୋଗ୍ରାଫିର ବି ମଜା ନେବେ

ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟରେ ଭରା ଏହି ଜାତୀୟ ଉଦ୍ୟାନଟି ଉଭୟ ପ୍ରକୃତିପ୍ରେମୀ ତଥା ଦୁଃସାହସିକ ପର୍ଯ୍ୟଟନରେ ରୁଚି ରଖୁଥିବା ପର୍ଯ୍ୟଟକଙ୍କୁ ଖୁବ୍ ଆକୃଷ୍ଟ କରିଥାଏ। ଉଦ୍ୟାନରେ ଥିବା ଜାତିଜାତିକା ପଶୁପକ୍ଷୀଙ୍କୁ ଦେଖିବା ସହ ଆଗନ୍ତୁକ ଏଠାରେ ଫଟୋଗ୍ରାଫିର ମଜା ମଧ୍ୟ ନେଇପାରିବେ।










# ମଣିଷ ଉଡ଼ିପାରେନା କାହିଁକି







**ନୀଳ ଆକାଶରେ ମୁକ୍ତଭାବେ ଉଡ଼ି ବୁଲୁଥିବା ଚଢେଇକୁ ଦେଖିଲେ ଅନେକ ସମୟରେ ଇଛା ହୁଏ ମଣିଷ ଯଦି ଉଡ଼ିପାରୁଥାନ୍ତା କେତେ ଭଲ ହେଇଥାନ୍ତା। ଗାଡିଘୋଡାର ଆବଶ୍ୟକତା ନ ଥାଆନ୍ତା। ଆରାମରେ ଉଡ଼ିକି ଗନ୍ତବ୍ୟସ୍ଥଳରେ ପହଞ୍ଚି ପାରୁଥାନ୍ତେ। ଭିସା, ପାସପୋର୍ଟର ବି ଆବଶ୍ୟକତା ନ ଥାଆନ୍ତା। ହେଲେ ଏହା କେବଳ ଏକ ଦିବା ସ୍ୱପ୍ନ ମାତ୍ର। ଏଭଳି କେବେ ସମ୍ଭବ ନୁହେଁ। ତେବେ କେବେ ଭାବିଛନ୍ତି କି ମଣିଷ କାହିଁକି ଉଡ଼ିପାରେନା। ଜାଣନ୍ତୁ ସେ ସମ୍ପର୍କରେ...**

ମଣିଷ ମନରେ ଉଡ଼ିବାର ଆକାଂକ୍ଷା ଏତେ ଯେ, ତାହା ଦିନେ ଉଡ଼ାଜାହାଜ ଉଦ୍ଭାବନର କାରଣ ସାଜିଲା। ଆଉ ସେଥିରେ ବସି ସେ ପକ୍ଷୀ ଭଳି ଉଡ଼ିବାର ସେଇ ଆଶାକୁ କିଛିମାତ୍ରାରେ ପୂରଣ କରିପାରିଲା। ହେଲେ ଚଢେଇ ଭଳି ମୁକ୍ତ ଭାବେ ଉଡ଼ିବାର ଇଛା ଏବେବି ମଣିଷର ପୂରଣ ହୋଇପାରିନି। କାରଣ ଏଭଳି ଉଡିବା ମଣିଷପକ୍ଷେ ସମ୍ଭବ ନୁହେଁ। ଅନେକେ ଭାବନ୍ତି ଏହାପଛର କାରଣ ହେଉଛି, ଚଢେଇଙ୍କ ପରି ପକ୍ଷୀ ବା ଡ଼େଣା ମଣିଷର ନାହିଁ। ହେଲେ ମଣିଷ ଉଡି ନ ପାରିବା ପଛର ଇଏ ହିଁ ଏକମାତ୍ର କାରଣ ନୁହେଁ, ଆହୁରି ଅନେକ ବୈଜ୍ଞାନିକ କାରଣ ଅଛି ଯେଉଁଥିପାଇଁ ମଣିଷ ଉଡ଼ିପାରେନା। ପେଙ୍ଗୁଇନ୍, କୁକୁଡା, ମୟୁର ଆଦି ଚଢେଇଙ୍କର ବି ଡେଣା ଅଛି। ହେଲେ ଏମାନେ ବହୁତ କମ୍ ଦୂର ଅବା ଆଦୌ ଉଡ଼ିପାରନ୍ତି ନାହିଁ। ତେଣୁ ଉଡ଼ି ନ ପାରିବାର ଏକମାତ୍ର କାରଣ ଡେଣା ନ ଥିବା ନୁହେଁ। ମଣିଷର ଶରୀର ଉଡ଼ିବା ଲାଗି ଡ଼ିଜାଇନ୍ ହିଁ ହୋଇ ନାହିଁ। ମଣିଷ ନିଜ ହାତକୁ ହଲାଇ ଉଡ଼ିପାରିବ ନାହିଁ। କାରଣ ମଣିଷର ମାଧ୍ୟାକର୍ଷଣ ବଳକୁ ଭାଙ୍ଗିବା ତଥା ନିଜ ଓଜନକୁ ଉଠାଇବାର ସେତିକି ବଳ ନାହିଁ।

ପକ୍ଷୀମାନଙ୍କର ଶରୀର ହାଲ୍କା ଓ ହାଡଗୁଡ଼ିକ ଫମ୍ପା ହୋଇଥାଏ। ଏହାବାଦ ତାଙ୍କ ଶରୀରର ଗଠନ ଏମିତିଯେ, ଉଡିବାବେଳେ ସୃଷ୍ଟି ହେଉଥିବା ବାୟୁର ରେଜିଷ୍ଟାନ୍ସକୁ କାଟିପାରେ। ତା'ସହିତ ଚଢେଇଙ୍କ ମାଂସପେଶୀ ବି ବହୁତ ଶକ୍ତିଶାଳୀ ହୋଇଥାଏ।

ଚଢେଇଙ୍କ ଫୁସ୍‌ଫୁସ୍ ବି ମଣିଷଙ୍କଠାରୁ ଭିନ୍ନ। ସେମାନେ ଏକାଥରେ ଅଧିକ ଅମ୍ଳଜାନ ଫୁସ୍‌ଫୁସ୍‌ରେ ଜମା କରିପାରନ୍ତି, ଯାହା ତାଙ୍କ ମାଂସପେଶୀକୁ ଲଗାତାର କାର୍ଯ୍ୟ କରିବାରେ ସାହାଯ୍ୟ କରେ। ତା'ଛଡା ଚଢେଇଙ୍କ ଡେଣାରେ ଯେଉଁ ପର ଥାଏ ସେଥିରେ ବାୟୁ ଭରି ରହିଥାଏ। ଏମିତିରେ ସେମାନେ ଯେବେ ଡେଣା ଫଡ଼ଫଡ଼ କରନ୍ତି ବାୟୁକୁ ତଳକୁ ଠେଲିବାରେ ସେମାନଙ୍କୁ ସାହାଯ୍ୟ ମିଳେ। ଫଳରେ ସେମାନେ ଉପରକୁ ଠେଲି ହୋଇ ଉଡିପାରନ୍ତି।





# ମାନବ ସ୍ମାଇଲି

ସ୍ମାଇଲି ଏକ ଇମୋଜି। ଯେଉଁଥିରେ ହଳଦିଆ ରଙ୍ଗର ଏକ ଗୋଲାକାର ମୁହଁରେ ଗୋଲ ଗୋଲ ହସ ହସ ଆଖି ଓ ହସ ହସ ପାଟି ଥାଏ। ଏହି ଇମୋଜି ବହୁତ ଲୋକପ୍ରିୟ। ମୋବାଇଲ ଚାଟିଂରେ ହେଉକି କି କାଗଜରେ ଏହି ଇମୋଜି ବ୍ୟବହାର କରି ଲୋକେ ନିଜ ଖୁସିର ଭାବକୁ ଏହା ମାଧ୍ୟମରେ ପ୍ରକାଶ କରନ୍ତି। ତେବେ ୨୦୧୫ ମେ, ୧୩ ତାରିଖରେ ଫିଲିପାଇନ୍ସ, ମାନିଲାସ୍ଥ ଲୁନେଟା ପାର୍କରେ ୮,୦୧୮ ଜଣ ଲୋକ ମିଶି ଏକ ବଡ଼ ସ୍ମାଇଲି ଇମୋଜି ତିଆରି କରିଥିଲେ। ଆଉ ଏହି ମାନବ ଇମୋଜି ପୃଥିବୀର ସବୁଠାରୁ ବଡ଼ ମାନବ ସ୍ମାଇଲି ଭାବେ ଗିନିଜ ବୁକ୍ ଅଫ୍ ୱାର୍ଲଡ ରେକର୍ଡସ୍‌ରେ ସ୍ଥାନ ପାଇଲା। ଏମ୍ ଗ୍ଲୋବାଲ କମ୍ପାନୀ ତା'ର ନବମ ଜନ୍ମ ଦିବସ ଉପଲକ୍ଷେ ଏହି ମାନବ ସ୍ମାଇଲି କରିବାର ଯୋଜନା କରିଥିଲା। ଏତେ ଲୋକଙ୍କ ସମୂହରେ ତିଆରି ଏହି ଇମୋଜି ବହୁତ ସୁନ୍ଦର ହୋଇଥିଲା।



କଥା ଚାଟ୍

ଓଁ ଅଭିଜ୍ଞାନ ସାହୁ

# ପ୍ରଦର୍ଶନ ସାଇଡ ଇଫେକ୍ଟ

ପ୍ରଥମେ ଭାବୁଥିଲି ମଣିଷ ବାହା ହେଉଛି କାରଣ ଏହା ସାମାଜିକ ବ୍ୟାପାର। ମଣିଷ ଖାଉଛି କାରଣ ଏହା ଏକ ଜୈବିକ ପ୍ରକ୍ରିୟା । ସାହିତ୍ୟ କରୁଛି କାରଣ ଏହା ଏକ ବୌଦ୍ଧିକ କସରତ। ସେ ଭ୍ରମଣରେ ବାହାରୁଛି କାରଣ ସେ ନିଜ ବ୍ୟସ୍ତବହୁଳ ସମୟରୁ ନିସ୍ତାର ଚାହୁଁଛି। ହେଲେ ଯେବେଠୁ ଫେସ୍‌ବୁକ୍‌କୁ ଆସିଲିଣି ସେବେଠୁ ଏ ସବୁର ପରିଭାଷା କେମିତି ବଦଳି ବଦଳି ଯାଉଛି।

ସାହିତ୍ୟିକ ଲେଖୁଛି କାରଣ ଫେସ୍‌ବୁକ୍‌ରେ ଲେଖା ସହ ତା' କୃତିର ଫଟୋ ପୋଷ୍ଟ କରିପାରିବ । ମଣିଷ ଖାଉଛି କାରଣ ଘରେ କ'ଣ କ'ଣ ଓ କେମିତି ଖାଉଛି ତା' ଫଟୋ ପୋଷ୍ଟ କରିପାରିବ । ଏମିତି କି ଯଦି ବିବାହ ବାର୍ଷିକୀ ଫଟୋ ସାମାଜିକ ଗଣମାଧ୍ୟମରେ ଛାଡିବାର ବିଧି ନ ଥାନ୍ତା ତେବେ ହୁଏତ ଅନେକ ବାହା ବି ହୁଅନ୍ତେ ନାହିଁ ଓ ଫେସ୍‌ବୁକ୍ ନ ଥିଲେ ମଣିଷ କେହି କୁଆଡେ ବୁଲିବାକୁ ଯାଆନ୍ତେ ନାହିଁ । ଯାହା ଲାଗୁଛି ଫେସ୍‌ବୁକ୍‌ରେ କେବଳ ଦୈନନ୍ଦିନ ଜୀବନର ଗତିବିଧିକୁ ନିଜେ ନିରୀକ୍ଷଣ କରି ପ୍ରମାଣ ସ୍ୱରୂପ ଫଟୋ ଛାଡିବାକୁ ମଣିଷ ଜନ୍ମ ନେଇଛି ।

ସବୁ କଥାର ଗୋଟେ ସୀମା ଅଛି । ଗୋଟେ କୁନି ଝିଅ 'ହାଏ ତୋ ପ୍ରେମର ରଙ୍ଗୋଲି ରାତିରେ କଳା ଦିୱାଲି' ଗୀତର ତାଳେ ତାଳେ ନାଚୁଥିବା ଭିଡିଓକୁ ପୋଷ୍ଟ କରି ତା' ମା' ଲେଖିଛି ମୋ ଝିଅର ଭବିଷ୍ୟତ ପାଇଁ ତାକୁ ଆଶୀର୍ବାଦ କରନ୍ତୁ। ସେ ପୋଷ୍ଟରେ କମେଣ୍ଟ ଦେବା ପୂର୍ବରୁ ମୁଁ ଭାବୁଛି ଏ କୁନି ଝିଅକୁ କେଉଁ ପ୍ରକାରର ଆଶୀର୍ବାଦ ଦେବି । ଅନେକ କ୍ଷେତ୍ରରେ ଦେଖୁଛି ସାଧାରଣତଃ ଯାହାର ଲେଖାରେ ଦମ୍ ନାହିଁ ସେମାନେ ବେଶି ଫଟୋ ଛାଡୁଛନ୍ତି । ବେଳେବେଳେ ଲାଗୁଛି ପୋଷ୍ଟରେ ଲେଖା ଗୌଣ ସେମାନଙ୍କ ନିଜ ଫଟୋ ମୁଖ୍ୟ । ଯଦି ଫେସ୍‌ବୁକ୍ ନିଜ ଫଟୋ ଦେବା ଉପରେ ପ୍ରତିବନ୍ଧକ ଲଗେଇଦେବ ଅଥବା ସେଥିପାଇଁ ଅତିରିକ୍ତ ପଇସା ଦେବାକୁ ପଡିବ ତେବେ ବୋଧେ ସେମାନେ ଲେଖାଲେଖିରୁ ସନ୍ନ୍ୟାସ ନେଇଯିବେ । ମେକ୍‌ଅପ୍ ଓ ଫିଲ୍‌ଟର ଥିବା କାରଣରୁ ସବୁ ଫଟୋ ଷ୍ଟାର ଲୁକ୍ ଦିଏ । ନିଜର ଭଲ ଠାଣି, ଚାହାଣିକୁ ବିୟୁଟି ଆପ୍‌ରେ ସଜାଡି ଫଟୋ ପୋଷ୍ଟ କରିଦେଇ କମେଣ୍ଟ କିଛି ହାତେଇ ଦେଲେ ଗଲା । ଗ୍ରୁପ୍ ଫଟୋ ହୋଇଥିଲେ ନିଜ ଫଟୋଟିକୁ ସୁନ୍ଦର କରି ଏକଶ୍ଚନ୍ଦ୍ର ସ୍ତମୋହନ୍ତି ନ୍ୟାୟରେ ଗ୍ରୁପ୍‌ରେ ଅନ୍ୟମାନଙ୍କ ଉପସ୍ଥିତିକୁ ହୀନିମାନ କରି ଫଟୋ ଛାଡ଼ିବା ମଧ୍ୟ ଆଉ ଏକ ଅଭ୍ୟାସ । ଆରେ ସାହସ ଅଛି ତ ବିନା ମେକ୍‌ଅପ୍ ଓ ବିନା ଫିଲଟରରେ ନିଜ ଫଟୋ ପୋଷ୍ଟ କରିଦେଖ । ଯଦି ଗୋଟିଏ ଦିନରେ ଫଲୋଅରଙ୍କ ସଂଖ୍ୟା ଅଧା ନ ହୋଇଯାଇଛି ତେବେ ମୋତେ କହିବ । ସତ୍ୟ ସ୍ୱୀକାର କରିବାରେ ମୋର କୌଣସି ଦ୍ୱିଧା ନାହିଁ । ଅନେକ ବର୍ଷର ଅକ୍ଳାନ୍ତ ସାଧନା ପରେ ବି କବିତା ବୁଝିବା ଭଳି ମଗଜ ତିଆରି କରେଇ ପାରିଲି ନାହିଁ । ତେଣୁ ଉଚ୍ଚାଙ୍ଗ କବିତା ପଢି ମଗଜକୁ ଭାରାକ୍ରାନ୍ତ କରିବା ଅପେକ୍ଷା କବିତା ସହ ସଂଯୋଜିତ ସୁନ୍ଦରିଆ । ଦେଖି ମନକୁ ପ୍ରଫୁଲ୍ଲ ରଖେ । କବିଙ୍କ ଭିନ୍ନ ଭିନ୍ନ ମୁଦ୍ରାର ଅନ୍ତତଃ ଆଠ ଦଶଟା ଫଟୋ ପ୍ରତିଦିନ ଉଠାଉଥିବା ସେହି ଏକନିଷ୍ଠ ଧୈର୍ଯ୍ୟଶୀଳ ଫଟୋଗ୍ରାଫରକୁ ସାବାସି ଦିଏ ।

ନୂଆବର୍ଷ ଭଳି କୌଣସି ଉତ୍ସବ କି ପର୍ବ ଆସିଲେ ଫେସ୍‌ବୁକ୍‌ରେ ଫଟୋମାନଙ୍କ ମହୋତ୍ସବ ଲାଗେ । ତା' ଅର୍ଥ ଆମେ ଯାହା କରିବୁ ଢୋଲ ପିଟି କରିବୁ । ଉତ୍କଳମଣିଙ୍କ ଜନ୍ମଦିନରେ ଦେଶସେବା ପାଇଁ ଗୋଟେ କଦଳୀକୁ ଆମେ ଦଶ ଜଣ ମିଶି ରୋଗୀକୁ ଫଳଦାନ କରିବା ଫଟୋ ଛାଡ଼ିବୁ। ଭୁବନେଶ୍ୱର ଲୋକ ପୁରୀ ଯାଇ ସ୍ୱିଜର୍‌ଲାଣ୍ଡ ଗଲାଭଳି ଫଟୋ ଉଠେଇ ଫେସବୁକ୍‌ରେ ଛାଡ଼ିବୁ । ସେଥିରେ ପୁଣି ସୁବିଧା ଦେଖି ଗତବର୍ଷ କିମ୍ବା ପୂର୍ବରୁ ଉଠାଯାଇଥିବା ଫଟୋ କିଛି ଯୋଡ଼ିବୁ ଓ ଫଟୋ ସୁନ୍ଦର ହୋଇ ନ ଥିଲେ ଗୁଗୁଲରୁ ଫଟୋ ଆଣି ଯୋଡ଼ାଯୋଡ଼ି ଫେଡାଫେଡ଼ି କରି ଦେଖେଇହେବୁ।




ଭାଗ୍ୟ ଭଲ ଭାସ୍କୋଡାଗାମା ଭାରତ ଆବିଷ୍କାର କଲାବେଳକୁ ସାଙ୍ଗରେ ତାଙ୍କ ପତ୍ନୀ ନ ଥିଲେ କି ସେତେବେଳକୁ ଫେସ୍‌ବୁକ ନ ଥିଲା । ନଚେତ୍ ଭାରତର ପ୍ରତି ଅନୁକୋଣର ଫଟୋ ଫେସ୍‌ବୁକରେ ଆଜି ଯାଏ ସେ ଛାଡୁଥାନ୍ତେ । ଦେଖାଣିଆ ଦୁନିଆର ନିୟମ ହେଲା ଦର୍ଶନ, ପ୍ରଦର୍ଶନ, ମାର୍ଗ ଦର୍ଶନ ଓ ପ୍ରବଚନ। ବୁଲା ବୁଲି ଅର୍ଥାତ୍ ବୁଲିବାକୁ ଯିବ ମାନେ ଦର୍ଶନ। ତା'ପରେ ପ୍ରଦର୍ଶନ କରିବ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଶହେ ଦେଢ଼ଶହ ଫଟୋ ଛାଡ଼ି। ଫଟୋ ଦେଖି ସାଙ୍ଗସାଥୀ ପଚାରିଲେ ପର୍ଯ୍ୟଟନ ଗାଇଡ୍ ଭଳି କେଉଁଠି ଖାଇବ, କେଉଁ ହୋଟେଲରେ ରହିବ ଅନର୍ଗଳ କହିଯିବ। କେଉଁଠି ଶସ୍ତା, କେଉଁଠି ମହରଗ, କେଉଁଠି ନାକରା କେଉଁଠି ଦାମିକା ଜିନିଷ ଭଳି ମାର୍ଗ ଦର୍ଶନ କରେଇବ । ଶେଷରେ ସେ ସ୍ଥାନର ମାହାତ୍ମ୍ୟ ଓ ଅଲୌକିକ ଘଟଣାକୁ ଅତିରଞ୍ଜିତ ତଥା ମହିମାମଣ୍ଡିତ କରି ପ୍ରବଚନ ଦେବ । ଶୁଣିବା ଲୋକ ଭାବୁଥିବ ସତରେ କେତେ ଭାଗ୍ୟବାନ ଏମାନେ । ପୃଥିବୀର ଏପରି ଏକ ଦର୍ଶନୀୟ ସ୍ଥାନ ଯାଇଛନ୍ତି ଯାହା ପୂର୍ବରୁ ଆଉ କେହି ଯାଇ ନ ଥିଲେ ଏବଂ ଆଗକୁ କେବଳ ୟା'ଙ୍କ ପଥ ଅନୁଗାମୀ ହୋଇ ଯାଇହେବ ।

ଏ ସବୁ ଆମ ଧର୍ମପତ୍ନୀଙ୍କୁ ଶୁଣିବାକୁ ଉତ୍କୀର୍ଣ୍ଣ । ଏ ସବୁ ଖବରର ଆଦାନ ପ୍ରଦାନ ପାଇଁ ସବୁ ସ୍ତ୍ରୀମାନଙ୍କ ଗୋଟିଏ ଗୋଟିଏ ଖବରୀ ଗ୍ରୁପ୍ ଥାନ୍ତି। ମାର୍କେଟର କେଉଁ ଦୋକାନରେ କେଉଁ ଶାଢି, ଗହଣା ନୂଆ ଡିଜାଇନର ଆସିଛି, କେତେ ଅଫରରେ ଇଲେକ୍ଟ୍ରୋନିକ୍ସ ବିକ୍ରି ହେଉଛି କି କେଉଁଠି ଲଟେରି ଆଦି ଅଫର ଅଛି, କାହା ସ୍ୱାମୀ କି ଦିଅର, ବାପଘର କେମିତି ଘରେ ଗଦେଇ ଦେଇଛନ୍ତି ଇତ୍ୟାଦି । କହିବା ଲୋକ ମିଛକୁ ସତ କହି ଯେତିକି ଖୁସି ହେଉଥାଏ ଶୁଣିବା ଲୋକ ମୁହଁରେ ହସ ରଖିଥିଲେ ବି ଭିତରେ ଈର୍ଷାରେ ଜଳୁଥାଏ । ଆଉ ଏ ସବୁର ସାଇଡ୍ ଇଫେକ୍ଟ ଭୋଗେ ବିଚରା ପତି ପରମେଶ୍ୱର । କେତେଥର ବୁଝେଇଲିଣି । ଫେସ୍‌ବୁକ୍‌ରେ ଯାହାସବୁ ଭ୍ରମଣ ଫଟୋ ଦେଖୁଛ କିମ୍ବା ଯେଉଁସବୁ ଯୁଗଳ ମୂର୍ତ୍ତିଙ୍କ ପ୍ରେମିଳ ଦାମ୍ପତ୍ୟ ଫଟୋ ଦେଖୁଛ ତାହା ସତ ନୁହଁ । ହେଲେ ଆମ ବୁଦ୍ଧିମତୀଙ୍କୁ ବୁଝେଇବ କିଏ । ତାଙ୍କ ପାଇଁ ସୁଖୀ ଦାମ୍ପତ୍ୟ ଅପେକ୍ଷା ଫେସ୍‌ବୁକ୍ ପାଇଁ ସୁଖୀ ଦାମ୍ପତ୍ୟର ଫଟୋ ବେଶି ମହତ୍ତ୍ୱ ରଖେ । ଏଇଟା ଦେଖାଶିଖା ଯୁଗ । ଯିଏ ଯେତେ ଦେଖେଇ ପାରିଲା ସେ ସେତେ ସୁଖୀ । କାହା ହୃଦୟ କି କଲିଜା ଜାଳିପୋଡ଼ି ଦେବାର ସାଡିଷ୍ଟିକ୍ ପ୍ଲେଜର । ସେ ସବୁ ଫଟୋ ଦେଖି କେତେଜଣଙ୍କ ଘରେ ଯେ ନିଆଁ ଲାଗୁ ନ ଥିବ କିଏ କହିବ। ଏମିତିକା ବୁଲାବୁଲି ଫଟୋ ସବୁ ଛାଡୁଥିବା ଲୋକମାନେ ଯେ କେତେ ନିର୍ଦ୍ଦୟ, ହୃଦୟହୀନ, ନିଷ୍ଠୁର ତାହା ସେମାନେ ଜାଣିପାରନ୍ତି ନାହିଁ ।

ମୁଁ ବି ଆଜି ଦୁଃଖୀ ଦାର୍ଶନିକ ହେବାର କାରଣ ହେଲା, ଆଜି ସକାଳୁ ପତ୍ନୀ ସକାଳ ଚାହା ହାତକୁ ବଢ଼େଇ କହିଲେ, ତୁମ କଲେଜ ସାଙ୍ଗ ନୂଆବର୍ଷକୁ ମୋଗଲ ଗାର୍ଡେନରେ ବୁଲୁଥିବା ଫଟୋ ଫେସ୍‌ବୁକରେ ଛାଡିଛନ୍ତି। ଦେଖିଲଣି ନା ନାହିଁ? ତାଙ୍କ ସ୍ତ୍ରୀ ସକାଳୁ ଦୁଇଥର ଫୋନ କଲେଣି । ମୁଁ ଫୋନ ଉଠଉନାହିଁ, କ'ଣ କହିବି- ନୂଆବର୍ଷର ପ୍ରଥମ ଦିନରେ ମନ୍ଦିର ଯାଇ ଦୀପ ଲଗେଇ ଆସିଛୁ । ତୁମକୁ ତ ସରମ ନାହିଁ, ମୋ ମନ ଜଳିଯାଉଛି । କି ଲୋକ ହାତ ଧରିଲି ଯେ କେଉଁ ଅକାଳେ ସକାଳେ ଟିକେ ବୁଲେଇ ନେବାକୁ କହିଲେ ଲମ୍ବା ଅଭାବୀ ହିସାବ ଦେଖେଇବେ । ଲୋକେ କେତେ କୁଆଡେ ବୁଲୁଛନ୍ତି, ମୋ ଫଟାକପାଳ, ଘର ଭିତରେ ୟାଙ୍କ ସେବା କରି କରି ଶଢୁଛି ।

ମୁଁ ବି ତୋବା । କାଲି ଏଜି ଅଫିସ ଦେଇ ଆସିଲାବେଳକୁ ଦୁହିଁଙ୍କୁ ଲାଇନ୍ ଟେମ୍ପୋରୁ ଇନ୍ଦିରା ଗାନ୍ଧୀ ପାର୍କ ଛକରେ ଓହ୍ଲେଇବା ଦେଖିଥିଲି। ଆଇଜି ପାର୍କରେ ଫଟୋ ଉଠେଇ ଲେଖିଛି କ'ଣ ନା ଆଉଟିଙ୍ଗ ଆଟ୍ ମୋଗଲ ଗାର୍ଡେନ। ତା ବୋପା ଚଉଦପୁରୁଷରେ କିଏ ମୋଗଲ ଗାର୍ଡେନ ଦେଖିଥିବ କି ନା ସନ୍ଦେହ । ଶଳା ଫଟୋ ତ ଉଠେଇଲୁ ତାକୁ ଏମିତି ମିଛ କହି ପୁଣି ଫେସ୍‌ବୁକ୍‌ରେ ଛାଡ଼ିବା କ'ଣ ଦରକାର! କେଉଁ ପ୍ରରୋଚନାର ତାଡନାରେ ସାଙ୍ଗ ବିଚରା ମୋର ପୋଷ୍ଟ କରିଥିବ ଭାବି ମୋ ଆଖି ସମବେଦନାରେ ଓଦା ହୋଇଗଲା ।

ବେଙ୍ଗ କହେ ବେଙ୍ଗୁଲିଲୋ କି କହିବି ଫେସ୍‌ବୁକିଆଙ୍କ କଥା । ଦେଖି ଦେଖି ଆଖି ହୁଏ ତଟକା।

*-ବନମାଳୀ ଭବନ, ଖାନନଗର, କଟକ*
*ମୋବାଇଲ: ୯୪୩୭୦୧୦୭୫୮*

## ପୁସ୍ତକ ସମୀକ୍ଷା

### ମୋ ବନ କାହାଣୀ ଓ ଜନ କଥାଣୀ

**ରାଧାମୋହନ ମହାପାତ୍ର**
**ପକ୍ଷୀଘର ପ୍ରକାଶନୀ, ଭୁବନେଶ୍ୱର-୧, ମୂଲ୍ୟ-୩୫୦ଟଙ୍କା**


ସ୍ମୃତି ଆଉ ଅନୁଭୂତିକୁ ନେଇ ଜୀବନ। ସେଇ ଅନୁଭୂତିକୁ ନେଇ ରୂପକାର ରାଧାମୋହନ 'ମୋ ବନ କାହାଣୀ ଓ ଜନ କଥାଣୀ' ଗଳ୍ପ ସଂକଳନ ରଚନା କରିଛନ୍ତି। ବାଘବନରୁ ଅୟମାରମ୍ଭ ହୋଇ ଚତୁର ଚିତା, ଅଜଗର ପିଠିରେ ଯାତ୍ରା, ହାତୀ ହତ୍ୟାକାରୀ ପର୍ଯ୍ୟନ୍ତ ପ୍ରଥମ ଭାଗରେ ଶେଷ ହୋଇଛି। ଆୟୁଷ୍ମତୀରୁ ଦ୍ୱିତୀୟ ଭାଗ ଆରମ୍ଭ ହୋଇ ଚିଠି ଚିତ୍ରରେ ଶେଷ ହୋଇଛି। ଦ୍ୱିତୀୟ ଭାଗରେ ସନ୍ନିବେଶିତ ବିଷୟଗୁଡିକ ବନ କାହାଣୀ ପରିବର୍ତ୍ତେ ଜନକଥାଣୀକୁ ରୂପାନ୍ତରିତ ହୋଇ ଗଭୀର ଭାବାବେଶ ଓ ପାଠକୀୟ ଆବେଦନ ସୃଷ୍ଟି କରିବାରେ ସମର୍ଥ ହୋଇପାରିଛି। ପାଠକୀୟ ଆବେଦନ ସୃଷ୍ଟି କରିବାର କଳା କୌଶଳ ରାଧାମୋହନଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଥାଏ। ଯାହା ପୁସ୍ତକଟି ପାଠକଲେ ଜଣେ ଅନୁଭବ କରିବ ।




### କର୍ଣ୍ଣିକା

**କ୍ଷମାନିଧି ଭୋଇ, କାବ୍ୟଲୋକ, ଗ୍ୟାରେଜ ଛକ**
**ଭୁବନେଶ୍ୱର-୨, ମୂଲ୍ୟ-୨୦୦ଟଙ୍କା**


'**କ**ର୍ଣ୍ଣିକା' କ୍ଷମାନିଧି ଭୋଇଙ୍କ ପ୍ରଥମ କବିତା ସଂକଳନ। ଏଥିରେ ୮୦ଟି କବିତା ସ୍ଥାନିତ ହୋଇଛି । କବି ବିଭିନ୍ନ କିସମର କବିତା ପୁସ୍ତକରେ ସ୍ଥାନ ଦେଇଛନ୍ତି। ମାୟା ଖେଳଘରରୁ ଆରମ୍ଭ କରି ଅସହିଷ୍ଣୁତାରେ ଶେଷ କରିଛନ୍ତି। ମାୟା ଖେଳଘରରେ କବି ବାଲ୍ୟକାଳରେ ମିଛି ମିଛିକା କେମିତି ଧୂଳି ଘର ଖେଳ ହୁଏ ଦୋଦୁଲ୍ୟମାନ ମଣିଷର ଅସ୍ତିତ୍ୱ କେମିତି ହେଉଛି ସେ ବିଷୟରେ କବିତାରେ ବାରି ହୋଇ ପଡୁଛି। ସେହିପରି ଆଉ ଏକ କବିତାକୁ ଏଠି ଋତୁରାଜ ବୋଲି କବିତାରେ ବର୍ଣ୍ଣନା କରିଛନ୍ତି। ବସନ୍ତ ଋତୁକୁ କବି ସ୍ୱାଗତ କରିବା ସହ ଅମୃତ ଆଶିଷ ଢାଳିଦିଅ ବୋଲି କବି ବର୍ଣ୍ଣନା କରିଛନ୍ତି । ସେହିପରି କବି ଅସହିଷ୍ଣୁତା କବିତାରେ ମଣିଷ କେତେ ସ୍ୱାର୍ଥପର ଓ ଅହଂକାରୀ ହୋଇଛି ସେ ବିଷୟରେ ଚମତ୍କାର ଭାବେ ବର୍ଣ୍ଣନା କରାଯାଇଛି।




### ଉତ୍ତର ଆଧୁନିକ କାବ୍ୟଧାରା

**ଡକ୍ଟର ଦିଲୀପ କୁମାର ସ୍ୱାଇଁ**
**ପ୍ରକାଶକ- ବିଜୟିନୀ ପବ୍ଲିକେଶନ୍ସ, ଶଙ୍କରପୁର, କଟକ-୧୨**
**ମୂଲ୍ୟ-୩୬୦ଟଙ୍କା**

'ଉତ୍ତର ଆଧୁନିକତା ଏକ ବିପ୍ଳବ ନୁହେଁ ବିଘଟନ। ଏକ ମହାର୍ଘ୍ୟ ଜୀବନ ନୁହେଁ, ଭଙ୍ଗାଗଢା ଜୀବନର ଭଗ୍ନଶିଳା। ଉତ୍ତର ଆଧୁନିକ ଚେତନାଟି କେବଳ କବିତା ନୁହେଁ, ଏହା ନାଟକ ଓ କଥା ସାହିତ୍ୟରେ ପ୍ରଭାବ ବିସ୍ତାର କରିଛି। ଏ ସବୁର ବିଦ୍ଧିବଧ ତର୍ଜମା କରାଗଲେ ସମକାଳୀନ ଓଡ଼ିଆ ସାହିତ୍ୟର ସାମର୍ଥ୍ୟ ଫୁଟି ଉଠନ୍ତା । ପୁସ୍ତକରେ ୩ଟି ପର୍ବ ରହିଛି । ତତ୍ତ୍ୱ ପର୍ବ, ତର୍ଜମା ପର୍ବ ଓ ଶେଷ ପର୍ବ। ତର୍ଜମା ପର୍ବରେ କବି ପ୍ରସନ୍ନ କୁମାର ମିଶ୍ର, କବି ସଦାଶିବ ଦାଶ, ଦିଲୀପ ଦାସ, ପ୍ରସନ୍ନ ପାଟ୍ଟଶାଣୀ, ଆଶୁତୋଷ ପରିଡା, ବ୍ରହ୍ମାନନ୍ଦ ଦାସ ଓ ନିତ୍ୟାନନ୍ଦ ନାୟକଙ୍କ କବିତା ବିଷୟରେ ଲେଖକ ଚମତ୍କାର ଭାବେ ଆଲୋଚନା କରିଛନ୍ତି। ପୁସ୍ତକଟି ସବୁବର୍ଗର ପାଠକଙ୍କୁ ତଥ୍ୟ ଯୋଗାଇବ ବୋଲି ଆଶା।



# ଆଇରନିଂ ବୋର୍ଡ ମିରର୍



ମଣିଷ ମିରର୍ ବା ଦର୍ପଣ ବ୍ୟବହାର କରେ ନିଜ ଚେହେରା ଦେଖିବା ପାଇଁ। ସେଇ ଦର୍ପଣ ସାମ୍ନାରେ ଠିଆ ହୋଇ ସେ କେତେ ପ୍ରକାର ସଜେଇ ହୁଏ। ତେବେ ଜାଣନ୍ତିକି ଆଜିକାଲି ଦର୍ପଣ କେବଳ ଚେହେରା ଦେଖି ସଜେଇ ହେବା ପରିବର୍ତ୍ତେ ଅନ୍ୟ କାମରେ ବି ଲାଗୁଛି। ଡିଜାଇନର୍ ଆଇସା ଲୋଗେରଟ୍ ଏମିତି ଏକ ଦର୍ପଣ ତିଆରି କରିଛନ୍ତି, ଯାହାକୁ ଆଇରନ୍ ବୋର୍ଡ ଭାବେ ମଧ୍ୟ ବ୍ୟବହାର କରିହେବ। ଭାବୁଥିବେ ଏହା କେମିତି ସମ୍ଭବ। ତେବେ ଜାଣି ରଖନ୍ତୁ ଦର୍ପଣଟି ଏକ ଫ୍ରେମ୍ ମଝିରେ ସଂଯୋଗ କରାଯାଇଛି। ଆଉ ଯେବେ ଆଇରନ୍ କରିବାକୁ ଚାହିଁବେ ଦର୍ପଣକୁ ଉପରପଟୁ ଭୂମି ଆଡକୁ ବୁଲାଇ ସମାନ୍ତରାଳ ଭାବେ ରଖିହେବ। ଏହାଦ୍ୱାରା ଦର୍ପଣର ପଛଭାଗ ଉପରକୁ ରହିବ। ଆଉ ଏହି ପଛଭାଗଟିକୁ ଏକ ଆଇରନ୍ ବୋର୍ଡ ଭାବେ ଡିଜାଇନ୍ କରାଯାଇଛି। ତେଣୁ ଏହା ଉପରେ କପଡା ରଖି ଆଇରନ୍ କରିହେବ। ତେଣୁ ଏହି ଦର୍ପଣରେ ଜଣେ ସଜବାଜ ହେବା ସହ ଏହା ଉପରେ ପୋଷାକକୁ ରଖି ଆଇରନ୍ କରି ପିନ୍ଧି ବାହାରକୁ ଯାଇପାରିବେ।

ବ୍ୟାକ୍ ପେଜ୍

# ହମିଂବାର୍ଡ ନୁହେଁ ଫୁଲ









ପୃଥିବୀରେ ଏମିତି ଅନେକ ଗଛ ଅଛି, ଯାହା ବେଶ ଅଜବ ଓ ଅବିଶ୍ୱସନୀୟ ଲାଗେ। ସେଥିମଧ୍ୟରୁ ଗୋଟିଏ ହେଉଛି କ୍ରୋଟେଲାରିୟା କନିଂଘମି। ଏହି ଗଛ ଏଇଥିପାଇଁ ଅଜବ ଯେ, ଏହାର ଫୁଲର ପାଖୁଡ଼ାଗୁଡିକ ହମିଂବାର୍ଡ ପରି ଲାଗନ୍ତି। ଅର୍ଥାତ୍ ହଠାତ ଏହି ଗଛର ଫୁଲକୁ ଦେଖିଲେ ଲାଗିବ ସତେ ଯେମିତି ହମିଂବାର୍ଡ ଉଡନ୍ତା ଅବସ୍ଥାରେ ଫୁଲରୁ ମହୁ ଶୋଷୁଛି। ତେଣୁ ଏହି ଗଛକୁ ଗ୍ରୀନ୍ ବାର୍ଡ ଫ୍ଲାୱାର, ବର୍ଡ ଫ୍ଲାୱାର ରେଟୁଲପୋ, ପ୍ୟାରଟ ପି, ରିଗଲ ବର୍ଡ ଫ୍ଲାୱର ବି କୁହାଯାଏ। ଏହି ଗଛରେ ଫୁଲ ଶୀତ ଓ ବସନ୍ତ ଋତୁରେ ହୋଇଥାଏ। ଏହି ଗଛ ଖୁବ୍ ଶୀଘ୍ର ବଢେ। ଆଉ ଏହାର ଉଚ୍ଚତା ୯ ଫୁଟ୍ ପର୍ଯ୍ୟନ୍ତ ହୋଇଥାଏ। ଏହାର ଫୁଲ ଦେଖିବାକୁ ଉଡୁଥିବା ଛୋଟ ଛୋଟ ହମିଂବାର୍ଡ଼ ପରି। ଏହା ଖୁବ୍ ସୁନ୍ଦର ହୋଇଥିବାରୁ ସାଜସଜ୍ଜା ପାଇଁ ମଧ୍ୟ ଏହାକୁ ବ୍ୟବହାର କରାଯାଏ। କ୍ରୋଟେଲାରିୟା କନିଂଘମ ଗଛ ଖାସ୍ କରି ଅଷ୍ଟ୍ରେଲିଆରେ ଦେଖାଯାଏ। ଏହାକୁ ହୋମିଓପାଥି ଔଷଧରେ ବ୍ୟବହାର ବି କରାଯାଇଥାଏ।



# ସ୍କୁଟର କମୋଡ

ଆଜିକାଲି ପ୍ରତି ଘରେ ଲାଟିନ୍ ବାଥ୍‌ରୁମ୍‌କୁ ବହୁତ ଗୁରୁତ୍ୱ ଦିଆଯାଉଛି। ଏହା ଯେମିତି ସୁନ୍ଦର, ଆକର୍ଷକ ହେଇପାରିବ ସେଥିପ୍ରତି ଧ୍ୟାନ ଦିଆଯାଉଛି। ତେଣୁ ଅନେକ ଅତ୍ୟାଧୁନିକ ବାଥରୁମ୍ ସାନିଟାରୀ ଜିନିଷ ବ୍ୟବହାର କରାଯାଉଛି। ସେଥିମଧ୍ୟରେ କମୋଡ ଅନ୍ୟତମ। ତେବେ ଜାଣି ଆଶ୍ଚର୍ଯ୍ୟ ହେବେ ଜଣେ ବ୍ୟକ୍ତି ନିଜ ଲାଟିନ୍‌ରେ ଏମିତି ଏକ କମୋଡ ଲଗାଇଛନ୍ତି, ଯାହା ବେଶ୍ ଅଜବ। ଏହା ଦେଖିବାକୁ ଏକ ସ୍କୁଟର ପରି। ସ୍କୁଟରର ପଛ ସିଟ୍‌ରେ ପ୍ୟାନର ବ୍ୟବସ୍ଥା ଅଛି। ସାଧାରଣତଃ କମୋଡଗୁଡିକରେ ଫ୍ଲଶ୍ କରିବା ସୁବିଧା କମୋଡ ପଛରେ ଥିବା ଫ୍ଲଶ୍ ଟ୍ୟାଙ୍କରେ ଥାଏ। ହେଲେ ଉକ୍ତ କମୋଡରେ ଫ୍ଲଶ୍ କରିବାକୁ ହେଲେ ସାମ୍ନା ଭାଗରେ ଥିବା ସ୍କୁଟରର ହ୍ୟାଣ୍ଡଲକୁ ଧରି ସ୍କୁଟର ଷ୍ଟାର୍ଟ କରିବାକୁ ହେବ। ତା'ପରେ ଯାଇ ଏହି ଅଜବ କମୋଡ ଫ୍ଲଶ ହେବ। ସୋସିଆଲ ମିଡ଼ିଆରେ ଉକ୍ତ ୟୁନିକ ଡିଜାଇନ୍‌ର କମୋଡର ଫଟୋକୁ ଲୋକେ ବହୁତ ପସନ୍ଦ କରୁଛନ୍ତି।